SEPTEMBER 27, 2026
SUNDAY, BHUBANESWAR

ସେପ୍ଟେମ୍ବର ୨୭, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 25 ବର୍ଷ- ୨ ● ସଂଖ୍ୟା- ୨୫ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ୧୭ତମ ନିଯୁକ୍ତି ମେଳାରେ ୧୧୦୧ ଜଣଙ୍କୁ ନିଯୁକ୍ତିପତ୍ର

# ଚାକିରି ଜୀବିକା ନୁହେଁ ଜନସେବା: ମୁଖ୍ୟମନ୍ତ୍ରୀ




- ◆ ଦୁର୍ନୀତି କ୍ୟାରିୟର ପାଇଁ ବିଷ
- ◆ ନୂଆ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଚେତାବନୀ
- ◆ ସ୍ୱଚ୍ଛ ପ୍ରଶାସନ ଉପରେ ସରକାରଙ୍କ ଗୁରୁତ୍ୱ
- ◆ ନିଯୁକ୍ତି ମେଳାରେ ୪୬ ହଜାରରୁ ଅଧିକ ଯୁବକଙ୍କୁ ଚାକିରି

ଭୁବନେଶ୍ୱର, ୨୬/୯ : ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ୧୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନୂତନ ଅଧିକାରୀମାନଙ୍କୁ ସତର୍କ କରାଇ କହିଛନ୍ତି ଯେ, 'ଦୁର୍ନୀତି କ୍ୟାରିୟର ପାଇଁ ବିଷ ସଦୃଶ।' ସରକାରୀ ଚାକିରି କେବଳ ଜୀବିକା ନୁହେଁ, ବରଂ ଜନସେବାର ଏକ ବଡ଼ ଦାୟିତ୍ୱ ବୋଲି ସେ ମତ ଦେଇଛନ୍ତି। ସ୍ୱଚ୍ଛ ପ୍ରଶାସନ ଓ ଯୁବଶକ୍ତିର ସଶକ୍ତୀକରଣ ମାଧ୍ୟମରେ 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ପୂରଣରେ ନବନିଯୁକ୍ତ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଜନସେବା ହିଁ ମାଧବ ସେବା। ତେଣୁ ଅଧିକାରୀମାନେ ନିଜକୁ ଶାସକ ନୁହେଁ, ଜନସେବକ ଭାବେ ଦେଖିବା ଆବଶ୍ୟକ। ଲୋକଙ୍କ ଅଭିଯୋଗ ଶୁଣି ତାହାର ତ୍ୱରିତ ସମାଧାନ କରିବା ସହ 'ଜନ ଶୁଣାଣି'କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ। ପଦବୀ ସହ ଦାୟିତ୍ୱ ମଧ୍ୟ ବଢ଼େ। ତେଣୁ ପଦର ମର୍ଯ୍ୟାଦା ରକ୍ଷା କରିବା ଓ ତୃଣମୂଳ ସ୍ତରରେ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଦୁର୍ନୀତି ବିରୋଧରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତି ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ସହ ଭିଜିଲାନ୍ସ ବିଭାଗକୁ ଆବଶ୍ୟକ ସ୍ୱାଧୀନତା ଦିଆଯାଇଥିବା କହିଥିଲେ। ନୂଆ ଅଧିକାରୀମାନେ ସରକାରୀ ବ୍ୟବସ୍ଥାରେ ନୂଆ ଚିନ୍ତାଧାରା ଓ ନୈତିକତାର ଉଦାହରଣ ସୃଷ୍ଟି କରନ୍ତୁ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ନିଯୁକ୍ତି ମେଳା ସହ ରାଜ୍ୟ ସରକାରଙ୍କ ୧୭ଟି ନିଯୁକ୍ତି ମେଳାରେ ମୋଟ ୪୬,୫୭୫ ଜଣ ଯୁବକଯୁବତୀ ସରକାରୀ ସେବାରେ ନିଯୁକ୍ତ ☞ପୃଷ୍ଠା-୨

## ଏସ୍ଆଇଆର୍ ବିବାଦ ଅନ୍ତ

# ଏକାଠି ବୈଠକ କଲେ ୩ ନିର୍ବାଚନ କମିଶନର




- ❖ ଫର୍ମ-୬ ନେଇ ଦୂର କଲେ ଦ୍ୱନ୍ଦ୍ୱ
- ❖ ଇସିଆଇନେଟ୍ ଯାଞ୍ଚ ପାଇଁ ଗଠନ ହେଲା କମିଟି
- ❖ ଭୋଟର ତାଲିକାରେ ନାମ ଯୋଡ଼ିବାକୁ ସ୍ୱତନ୍ତ୍ର ଅଭିଯାନ
- ❖ ସ୍ୱତନ୍ତ୍ର ଅଭିଯାନ ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬/୯ : ନିର୍ବାଚନ କମିଶନ ଭିତରେ ମତଭେଦକୁ ନେଇ ଚର୍ଚ୍ଚା ମଧ୍ୟରେ ଶନିବାର ତିନି ନିର୍ବାଚନ କମିଶନର ଏକାଠି ବୈଠକ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ନିର୍ବାଚନ ସଦନରେ ବୈଠକ କରିବା ପରେ ଏସ୍ଆଇଆର୍ (ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ), ଫର୍ମ-୬, ଇସିଆଇନେଟ୍ ଓ ଆଭ୍ୟନ୍ତରୀଣ ପ୍ରଶାସନିକ ଯୋଗାଯୋଗ ସମ୍ପର୍କରେ ପଏଣ୍ଟ-ବାଇ-ପଏଣ୍ଟ ସ୍ପଷ୍ଟୀକରଣ ଦେଇଛନ୍ତି। କମିଶନ ପକ୍ଷରୁ କୁହାଯାଇଛି ଯେ ଏସ୍ଆଇଆର୍ ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ କମିଶନର ସର୍ବସମ୍ମତିରେ ଗ୍ରହଣ କରିଥିଲେ। ୨୦୨୫ ଜୁନ୍ ୨୪ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଏସ୍ଆଇଆର୍ କରିବା ନେଇ ନିର୍ଦ୍ଦେଶ ଜାରି ହୋଇଥିବା ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟସୂଚୀ ମଧ୍ୟ ଅନୁମୋଦିତ ହୋଇଥିବା କମିଶନ କହିଛନ୍ତି। ଏସ୍ଆଇଆର୍ ସମୟରେ ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଫର୍ମ-୬ ସମ୍ପର୍କରେ ମଧ୍ୟ କମିଶନ ସ୍ପଷ୍ଟ କରିଛି। ଏସ୍ଆଇଆର୍ ପ୍ରକ୍ରିୟା ଚାଲୁ ନଥିବା ସମୟରେ ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ ଅନୁଯାୟୀ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରାଯିବ ବୋଲି କୁହାଯାଇଛି। ଏସ୍ଆଇଆର୍ ପରେ ଭୋଟର ତାଲିକାରୁ ନାମ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ☞ପୃଷ୍ଠା-୨

## ୧୬ତମ ଫ୍ରେଣ୍ଡସିପ୍ କପ୍ ଫୁଟବଲ୍

# ମିଡିଆ ୧୧ଟିମ୍ ଚମ୍ପିୟାନ



ଭୁବନେଶ୍ୱର, ୨୬/୦୯ : ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ୧୬ତମ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ କହିଛନ୍ତି ଯେ ଖେଳୁଆଡ଼ ମନୋଭାବ ଏବଂ ଭାଇଚାରା ହିଁ ଏକ ସୁସ୍ଥ ସମାଜର ମୂଳଦୁଆ ଅଟେ। ସୂଚନାଯୋଗ୍ୟ ଯେ, କଳିଙ୍ଗ ଷ୍ଟାଡିଅମ ଠାରେ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅବସରରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ଟାଟା ଷ୍ଟିଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମିଡିଆ ୧୧ଟିମ୍ ଚମ୍ପିୟାନ ହୋଇଥିବା ବେଳେ ଅଫିସର୍ସ ୧୧ଟିମ୍ ରନର୍ସ ଅପ୍ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିକଟରେ ଚିନ୍ ଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ୨୦୨୬ରେ ଚମ୍ପିଆନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୭ଜଣ ପୁରୁଷ ଓ ୩ଜଣ ମହିଳା ହକି ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରତ୍ୟେକ ଖେଳାଳୀଙ୍କୁ ୧.୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସମସ୍ତଙ୍କ ଉତ୍ସାହଜନକ ଅଂଶ ଗ୍ରହଣକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖେଳ ମୈଦାନରେ ଜିତିବା କିମ୍ବା ହାରିବା ଠାରୁ ବଡ଼ କଥା ହେଉଛି ସ୍ପୋର୍ଟ୍ସ ମ୍ୟାନ୍ ସ୍ପିରିଟ୍। ଏହି ଖେଳ ମାଧ୍ୟମରେ ଆମ ସମସ୍ତଙ୍କ ମାଧ୍ୟରେ ଏକ ସମନ୍ୱୟ ମଧ୍ୟ ସ୍ଥାପନ ହେଉଛି। ଖେଳୁଆଡ଼ ମନୋଭାବ ଏବଂ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ । ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧତାକୁ ପ୍ରଶଂସା କରିବା ସହିତ ପ୍ରତିବର୍ଷ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ☞ପୃଷ୍ଠା-୨

**ଖେଳୁଆଡ଼ ମନୋଭାବ ହିଁ ସୁସ୍ଥ ସମାଜର ମୂଳଦୁଆ- ମୁଖ୍ୟମନ୍ତ୍ରୀ**

# ଶୁଭାରମ୍ଭ ହେଲା 'ଆଙ୍ଗନ୍ କା ଉତ୍ସବ'




- ❖ ଅଙ୍ଗନୱାଡ଼ି ଦିଦିଙ୍କ ଶାଢ଼ୀ ଟଙ୍କା ୧୫୦୦କୁ ବୃଦ୍ଧି
- ❖ ଲୋକସେବା ଭବନରେ କାର୍ଯ୍ୟକ୍ରମ
- ❖ ଦିପ୍ତି' ପୋର୍ଟାଲ ଶୁଭାରମ୍ଭ ସୁଦୃଢ଼ ହେବ ଅଙ୍ଗନୱାଡ଼ି ବ୍ୟବସ୍ଥା

ଭୁବନେଶ୍ୱର, ୨୬/୦୯ : ରାଜ୍ୟର ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ସେମାନଙ୍କ ଶାଢ଼ୀ କିଣା ସହାୟତା ରାଶିକୁ ପୂର୍ବରୁ ଥିବା ୧୩୯୦ ଟଙ୍କାରୁ ବୃଦ୍ଧି କରି ୧୫୦୦ ଟଙ୍କା କରାଯାଇଛି।ଏହି ପରିପ୍ରେକ୍ଷୀରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ଆଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସେହିଭଳି ରାଜ୍ୟସରକାର ରାଜ୍ୟରେ ଉନ୍ନତି ଆଣିବା ପାଇଁ ତୃଣମୂଳସ୍ତରରୁ ଉଦ୍ୟମ କରୁଛନ୍ତି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ'ଦିପ୍ତି' ପୋର୍ଟାଲର ମଧ୍ୟ ଶୁଭାରମ୍ଭ ହୋଇଛି। 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ଥିମକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭୂମିକା ଓ ଦାୟିତ୍ୱକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ☞ପୃଷ୍ଠା-୨

# ଶ୍ରୀଜୀଉଙ୍କ ସୁନାବେଶ ତିଆରି ହେବ ନୂତନ ସୁବର୍ଣ୍ଣ ଅଳଙ୍କାର ସେଟ୍

- ◆ ୩୦ରୁ ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର
- ◆ ପ୍ରଥମ ୩ ଦିନ ମାଗଣା
- ◆ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

ପୁରୀ, ୨୬।୯ : ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଶ୍ରୀମନ୍ଦିରର ବିକାଶ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ସୁନାବେଶ ପାଇଁ ଆଉ ଏକ ନୂତନ ସୁବର୍ଣ୍ଣ ଅଳଙ୍କାର ସେଟ୍ ତିଆରି କରାଯିବ। ଏନେଇ ଖୁବଶୀଘ୍ର ପ୍ରସ୍ତୁତି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ନିଜସ୍ୱ ଅର୍ଥରେ ଏହି ସୁନା ଅଳଙ୍କାର ତିଆରି କରିବ। ଯେଉଁ ଭକ୍ତମାନେ ମହାପ୍ରଭୁଙ୍କ ନୂତନ ସୁନା ଅଳଙ୍କାର ସେଟ୍ ତିଆରି ନେଇ ଦାନ ☞ପୃଷ୍ଠା-୨

## ◆ ବଢ଼ିଲା ହୀରାକୁଦ ଜଳସ୍ତର

# ଖୋଲିଲା ଆଉ ୩ଟି ଗେଟ୍



- ◆ ୬୨୯.୫୬ ଫୁଟରେ ପହଞ୍ଚିଲା ଜଳସ୍ତର
- ◆ ଡ୍ୟାମ ସ୍ଥିତି ଉପରେ କର୍ତ୍ତୃପକ୍ଷଙ୍କ କଡ଼ା ନଜର
- ◆ ମହାନଦୀରେ ଜଳପ୍ରବାହ ବୃଦ୍ଧି ତଳିଆ ଅଞ୍ଚଳବାସୀଙ୍କୁ ସତର୍କତା

ସମ୍ବଲପୁର, ୨୬/୦୯ : ଉପର ମୁଣ୍ଡରେ ଲଗାତାର ବର୍ଷା ଓ ମହାନଦୀରେ ବଢ଼ୁଥିବା ଜଳପ୍ରବାହ ଯୋଗୁଁ ହୀରାକୁଦ ଡ୍ୟାମରେ ଜଳଚାପ ବଢ଼ୁଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ଆଉ ୩ଟି ଗେଟ୍ ଖୋଲାଯାଇଛି। ଏହା ସହ ଡ୍ୟାମର ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଖୋଲା ଥିବା ୮ଟି ଗେଟ୍ ମଧ୍ୟରୁ ବାମ ପାର୍ଶ୍ୱରେ ୫ଟି ଓ ଡାହାଣ ପାର୍ଶ୍ୱରେ ୩ଟି ଗେଟ୍ ରହିଛି। ସଦ୍ୟତମ ସୂଚନା ଅନୁଯାୟୀ, ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୫୬ ଫୁଟ୍‌ରେ ☞ପୃଷ୍ଠା-୨

# ବିକଶିତ ଓଡ଼ିଶା ପାଇଁ ଆର୍ଥିକ ବ୍ଲୁ-ପ୍ରିଣ୍ଟ

## ଏଆଇ, ଡିଜିଟାଲ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ



- ◆ ଗଠନ ହେଲା ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ
- ◆ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ
- ◆ ୭ ବିଶେଷଜ୍ଞ ଗୋଟିଏ ଲକ୍ଷ୍ୟ ସମୃଦ୍ଧ ଓଡ଼ିଶା
- ◆ ପ୍ରତି ୬ ମାସରେ ବସିବ ବୈଠକ

ଭୁବନେଶ୍ୱର, ୨୬/୯ : ଓଡ଼ିଶାକୁ ଏକ ଅଗ୍ରଣୀ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅର୍ଥନୈତିକ ଓ ରଣନୈତିକ ପରାମର୍ଶ ପ୍ରଦାନ ପାଇଁ ୭ ଜଣ ବିଶେଷଜ୍ଞଙ୍କୁ ନେଇ 'ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ' (ସିଏମ୍-ଇଏସି) ଗଠନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୫ରେ ଏନେଇ ବିଜ୍ଞପ୍ତି ଜାରି ହୋଇଛି। ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁଖ୍ୟମନ୍ତ୍ରୀଙ୍କୁ ରଣନୈତିକ, ତଥ୍ୟଭିତ୍ତିକ ଓ ପ୍ରମାଣଭିତ୍ତିକ ଅର୍ଥନୈତିକ ପରାମର୍ଶ ପ୍ରଦାନ କରିବା। ପରିଷଦର ବିଶେଷଜ୍ଞ ସଦସ୍ୟ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଯୁଗଳ କିଶୋର ମହାପାତ୍ର, ପୂର୍ବତନ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ପୂର୍ବତନ କେନ୍ଦ୍ର କୃଷି ସଚିବ ଡ. ଶୋଭନା କୁମାର ପଟ୍ଟନାୟକ, ପୂର୍ବତନ ☞ପୃଷ୍ଠା-୨




# ବନ୍ୟା ଆଶଙ୍କା ସରକାରଙ୍କୁ ସାଥ୍ ଦେବାକୁ ଆହ୍ୱାନ

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସରକାରଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ: ମନମୋହନ ସାମଲ

- ▲ ଜିରୋ କାଜୁଆଲିଟିରେ ସରକାରଙ୍କ ପ୍ରୟାସକୁ ପ୍ରଶଂସା
- ▲ ରିଲିଫ୍ ଓ ଉଦ୍ଧାରକାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରନ୍ତୁ
- ▲ ଲୋକଙ୍କ ସେବାରେ ସାମିଲ ହେବାକୁ କର୍ମୀଙ୍କୁ ଆହ୍ୱାନ
- ▲ ଦଳମତ ଭୁଲି ଏକାଠି କଠିନ ସ୍ଥିତିର ମୁକାବିଲା ପାଇଁ ନିବେଦନ



ଭୁବନେଶ୍ୱର, ୨୬/୦୯ : ବଙ୍ଗୋପ ସାଗରରେ ସୃଷ୍ଟି ଗଭୀର ଅବପାତ ଯୋଗୁଁ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି ଏବଂ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇ ବନ୍ୟା ଆଶଙ୍କା ଦେଖାଦେଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଦିଗରେ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପକୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଭୂୟସୀ ପ୍ରଶଂସା କରିଛନ୍ତି। 'ଜିରୋ କାଜୁଆଲ୍‌ଟି'କୁ ପ୍ରାଧାନ୍ୟ ଦେଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ ଏବଂ ଯୋଗାଯୋଗ ପୁନଃସ୍ଥାପନ ଭଳି ଉଦ୍ୟମ ପାଇଁ ସେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ସମେତ ପୂରା ପ୍ରଶାସନିକ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଏକ ପ୍ରେସ ବିବୃତିରେ ଶ୍ରୀ ସାମଲ ଦର୍ଶାଇଛନ୍ତି ଯେ, ଏହି ସମୟରେ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବା । ଅବପାତ ହେଉ ବା ବନ୍ୟା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟରେ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ଦଳର କାର୍ଯ୍ୟକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରନ୍ତୁ। ବିଶେଷ କରି ଜନସାଧାରଣ ଓ ପ୍ରାଣୀ ସଂପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଂଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି । ପ୍ରଶାସନ, ସରକାର, ଅଗ୍ନିଶମ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ୍ ଉଦ୍ଧାରକାରୀ ଦଳ ସହ ମିଶି ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ପାର୍ଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି । ସାମାଜିକ ସଂଗଠନଗୁଡ଼ିକ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରନ୍ତୁ । ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି କଠିନ ପରିସ୍ଥିତିର ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି ।

## ବୁର୍ଲା ବି.ଟି.ଆଇ.ରେ ଦୀକ୍ଷାନ୍ତ ସମାରୋହ

# ୧୦୨୭ ସିପାହୀ ପ୍ରଶିକ୍ଷାର୍ଥୀ କୃତକାର୍ଯ୍ୟ



**'ସେବା ଓ ସୁରକ୍ଷା ପୋଲିସର ମୂଳମନ୍ତ୍ର: ଡିଜିପି ବିନୟତୋଷ ମିଶ୍ର'**

ସମ୍ବଲପୁର, ୨୬/୦୯ : ସମ୍ବଲପୁର ବୁର୍ଲାସ୍ଥିତ ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ (ବି.ଟି.ଆଇ.) ପକ୍ଷରୁ ପଞ୍ଚମ ବ୍ୟାଚ୍ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ଉଦ୍‌ବୋଧନରେ ଡିଜିପି ଶ୍ରୀ ମିଶ୍ର ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏକାଡେମୀ ପକ୍ଷରୁ ଉତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ଆଗାମୀ ଦିନରେ ବିଭିନ୍ନ ଚ୍ୟାଲେଞ୍ଜର ସାହସର ସହ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ପୋଲିସ ଜନସାଧାରଣଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ରଖିବା ଉଚିତ ☞ପୃଷ୍ଠା-୨




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

## ବର୍ଷା: ବିପଦ ବଢ଼ିବା ପୂର୍ବରୁ ଓଡ଼ିଶା ସତର୍କ ହେଉ

ଓଡ଼ିଶା ପୁଣି ଥରେ ପ୍ରକୃତିର ଏକ କଠିନ ପରୀକ୍ଷାର ସମ୍ମୁଖୀନ। ଆକାଶ ଘନ ହେଉଛି, ବର୍ଷାର ପରିମାଣ ବଢୁଛି, ନଦୀନାଳରେ ଜଳସ୍ତର ଉପରକୁ ଉଠିବାର ଆଶଙ୍କା ଦେଖାଦେଉଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀର ଭୟ ଘନୀଭୂତ ହେଉଛି। ବନ୍ୟାକୁ କେବଳ ପାଣି ଆସିବାର ଘଟଣା ଭାବେ ଦେଖିଲେ ଚାଲିବ ନାହିଁ। ଏହା ଜୀବନ, ଜୀବିକା, ଯାତାୟାତ, କୃଷି, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଜୀବନକୁ ପ୍ରଭାବିତ କରିପାରେ। ୨୫ ସେପ୍ଟେମ୍ବରର ସରକାରୀ ପାଣିପାଗ ସତର୍କତା ଅନୁଯାୟୀ ଓଡ଼ିଶାରେ ଆଜି ଅତିପ୍ରବଳ ବର୍ଷା ସହ ବଜ୍ରପାତ ଆଦିର ସମ୍ଭାବନା ଏବଂ ୨୬ ସେପ୍ଟେମ୍ବରରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଏହି ମୁହୂର୍ତ୍ତରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଭୟ ନୁହେଁ, ସଚେତନତା ଆତଙ୍କ ନୁହେଁ, ପ୍ରସ୍ତୁତି। ବର୍ଷା ଆସିବାକୁ ଅପେକ୍ଷା କରି ବିପଦ ବଢ଼ିଯିବା ପରେ ପଦକ୍ଷେପ ନେବା ଠାରୁ ବିପଦ ପୂର୍ବରୁ ପରିବାର, ଗ୍ରାମ ଏବଂ ପ୍ରଶାସନ ସଜାଗ ହେବା ହିଁ ବୁଦ୍ଧିମାନ ପଦକ୍ଷେପ। ଗଭୀର ଅବପାତର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ଉତ୍ତର ଓଡ଼ିଶା ଉପକୂଳରେ ମଧ୍ୟ ଭାରୀରୁ ଅତିଭାରୀ ବର୍ଷାର ସମ୍ଭାବନା ସମ୍ପର୍କରେ ପାଣିପାଗ ବିଭାଗ ସତର୍କ କରିଛି। ଏହି ପରିସ୍ଥିତିରେ ନଦୀକୂଳ, ନାଳକୂଳ, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ, ତଳିଆ ଜମି, ଦୁର୍ବଳ ଘର ଏବଂ ଜଳବନ୍ଦୀପ୍ରବଣ ସହରାଞ୍ଚଳରେ ଥିବା ଲୋକଙ୍କୁ ବିଶେଷ ସତର୍କ ରହିବାକୁ ହେବ। ବନ୍ୟାର ପ୍ରଥମ ଶିକ୍ଷା ହେଉଛିପାଣିର ଗଭୀରତା ଚକ୍ଷୁରେ ଦେଖି ଅନୁମାନ କରାଯାଇପାରେ ନାହିଁ। ରାସ୍ତା ଉପରେ ଅଳ୍ପ ପାଣି ଦେଖାଗଲେ ମଧ୍ୟ ତାହାର ତଳେ ଗର୍ତ୍ତ, ଭଙ୍ଗା ରାସ୍ତା, ଖୋଲା ନାଳ କିମ୍ବା ତୀବ୍ର ସ୍ରୋତ ଥାଇପାରେ। ତେଣୁ ପାଣି ଭରା ରାସ୍ତାରେ ଅନାବଶ୍ୟକ ଭାବେ ଚାଲିବା, ଦୁଇଚକିଆ କିମ୍ବା ଚାରିଚକିଆ ଯାନ ନେଇ ପ୍ରବେଶ କରିବା ଜୀବନ ପାଇଁ ବିପଦଜନକ। ବନ୍ୟାପାଣିରେ ଶିଶୁମାନଙ୍କୁ ଖେଳିବାକୁ ଦେବା ମଧ୍ୟ ଘୋର ଅବହେଳା। ବିଦ୍ୟୁତ ତାର, ଖୁଣ୍ଟି, ଟ୍ରାନ୍ସଫର୍ମର କିମ୍ବା ଜଳମଗ୍ନ ବିଦ୍ୟୁତ ଉପକରଣ ଠାରୁ ଦୂରେ ରହିବା ଆବଶ୍ୟକ। ପାଣି ଘର ଭିତରକୁ ପଶିଲେ ବିଦ୍ୟୁତ ସଂଯୋଗ ବନ୍ଦ କରିବା ପାଇଁ ନିରାପଦ ଉପାୟରେ ପଦକ୍ଷେପ ନିଆଯିବା ଉଚିତ, କିନ୍ତୁ ପାଣି ଭିତରେ ଠିଆ ହୋଇ ବିଦ୍ୟୁତ ଯନ୍ତ୍ର ଛୁଇଁବା ଅତ୍ୟନ୍ତ ବିପଦଜନକ। ଘରେ ଶୁଖିଲା ଖାଦ୍ୟ, ପିଇବା ପାଣି, ଆବଶ୍ୟକ ଔଷଧ, ଶିଶୁ ଖାଦ୍ୟ, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି, ଆବଶ୍ୟକ କାଗଜପତ୍ର ଏବଂ ମୋବାଇଲ ଯୋଗାଯୋଗର ବିକଳ୍ପ ବ୍ୟବସ୍ଥା ରଖିବା ଉଚିତ। ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ନିରାପଦ ସ୍ଥାନକୁ ନେବା ଦରକାର। ଗ୍ରାମାଞ୍ଚଳରେ ଗୋରୁଗାଇ ଓ ଅନ୍ୟ ପଶୁମାନଙ୍କୁ ମଧ୍ୟ ଉଚ୍ଚ ଓ ନିରାପଦ ସ୍ଥାନକୁ ନେବା ପାଇଁ ପୂର୍ବପ୍ରସ୍ତୁତି ଦରକାର। କୃଷକଙ୍କ ପାଇଁ ଏହି ସମୟ ଅଧିକ ସମ୍ବେଦନଶୀଳ। ଅତିରିକ୍ତ ବର୍ଷାରେ ଧାନ, ପନିପରିବା, ମକା ଓ ଫଳଚାଷ ଜମିରେ ପାଣି ଜମି ରହିଲେ ଫସଲ କ୍ଷତି ହୋଇପାରେ। ତେଣୁ ଯେଉଁଠାରେ ସୁରକ୍ଷିତ ଭାବେ ସମ୍ଭବ, ଜମିର ଅତିରିକ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ। ପାଣି ବଢ଼ିଲେ ଜବରଦସ୍ତି ଘର, ଗୋଶାଳା କିମ୍ବା ଜମିରେ ରହିବା ଠାରୁ ପ୍ରଶାସନର ନିର୍ଦ୍ଦେଶ ମାନି ଆଶ୍ରୟସ୍ଥଳକୁ ଯିବା ହିଁ ସୁରକ୍ଷିତ। ଓଡ଼ିଶାର ଦୁର୍ଯୋଗ ପରିଚାଳନାର ଅଭିଜ୍ଞତା ଦେଶରେ ଏକ ପରିଚିତ ଉଦାହରଣ ହୋଇଥିଲେ ମଧ୍ୟ ପ୍ରକୃତିର ପରିବର୍ତ୍ତନଶୀଳ ଚରିତ୍ର ସବୁବେଳେ ନୂଆ ଚ୍ୟାଲେଞ୍ଜ ଆଣୁଛି। ଏହି ପରିସ୍ଥିତିରେ ସରକାରଙ୍କ ସତର୍କତା ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ।

## ସୁପ୍ରିମ୍‌କୋର୍ଟଙ୍କ ଚିନ୍ତା: ବଢୁଛି ପୋଲିସ୍ ହିଂସା

ଆଇନର ରକ୍ଷକ ଯଦି ଆଇନର ସୀମା ଲଂଘନ କରନ୍ତି, ତେବେ ନ୍ୟାୟ କେଉଁଠି ? ଗଣତନ୍ତ୍ରର ମୂଳ ଆଧାର ହେଉଛି ଆଇନର ଶାସନ। ରାଜ୍ୟର ପ୍ରତ୍ୟେକ ସଂସ୍ଥା, ପ୍ରତ୍ୟେକ ଅଧିକାରୀ ଏବଂ ପ୍ରତ୍ୟେକ ନାଗରିକ ଆଇନର ଅଧୀନରେ ରହିବା ହିଁ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିଚୟ। ଏହି ବ୍ୟବସ୍ଥାରେ ପୁଲିସ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରାଧ ରୋକିବା, ଅପରାଧର ତଦନ୍ତ କରିବା, ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରିବା ଏବଂ ଆଇନର ଶାସନକୁ କାର୍ଯ୍ୟକାରୀ କରିବା ପୁଲିସ୍‌ର ପ୍ରମୁଖ ଦାୟିତ୍ୱ। କିନ୍ତୁ ଯେତେବେଳେ ପୁଲିସ୍‌ର କାର୍ଯ୍ୟକୁ ନେଇ ହିଂସା, ହେପାଜତରେ ମୃତ୍ୟୁ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ଏନ୍‌କାଉଣ୍ଟର ଭଳି ଅଭିଯୋଗ ସାମ୍ନାକୁ ଆସେ, ସେତେବେଳେ ଆଇନର ରକ୍ଷକଙ୍କ ଆଇନଗତ ଜବାବଦେହିତା ନେଇ ଗମ୍ଭୀର ପ୍ରଶ୍ନ ଉଠିଥାଏ।

ସମ୍ପ୍ରତି ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଉଜ୍ଜଳ ଭୂୟାଁଙ୍କ ସମ୍ପର୍କିତ ବିଭିନ୍ନ ଆଇନଗତ ମତାମତ ଓ ରାୟ ପୁଲିସ୍ କାର୍ଯ୍ୟରେ ସମ୍ବିଧାନିକ ସୁରକ୍ଷା ଏବଂ ଆଇନସମ୍ମତ ପ୍ରକ୍ରିୟାର ଗୁରୁତ୍ୱକୁ ପୁଣିଥରେ ସାମ୍ନାକୁ ଆଣିଛି। ୨୧ ସେପ୍ଟେମ୍ବର ୨୦୨୬ର ଏକ ରାୟରେ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଓ ଜଷ୍ଟିସ୍ ଅତୁଲ ଏସ୍ ଚନ୍ଦୁରକରଙ୍କ ଖଣ୍ଡପୀଠ ଗିରଫ ବ୍ୟକ୍ତିଙ୍କୁ ଗିରଫର କାରଣ ଜଣାଇବା ଭଳି ଅନୁଚ୍ଛେଦ ୨୨ର ସୁରକ୍ଷାକୁ ଗୁରୁତ୍ୱ ଦେଇଥିଲେ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ସମ୍ବିଧାନିକ ସୁରକ୍ଷାର ଉଲ୍ଲଘଂନ ହେଲେ ତାହାକୁ କେବଳ ଏକ ସାଧାରଣ ପ୍ରକ୍ରିୟାଗତ ତ୍ରୁଟି ଭାବେ ଦେଖାଯାଇପାରିବ ନାହିଁ।

ଏହି ପ୍ରସଙ୍ଗରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ର ଗୁରୁତ୍ୱକୁ ବୁଝିବା ଆବଶ୍ୟକ। ଅନୁଚ୍ଛେଦ ୨୧ କୌଣସି ବ୍ୟକ୍ତିଙ୍କୁ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତୀତ ତାଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସାଧୀନତାରୁ ବଞ୍ଚିତ ନ କରିବାର ସୁରକ୍ଷା ଦିଏ। ସୁପ୍ରିମ୍‌କୋର୍ଟ ଅନେକ ରାୟରେ ଅନୁଚ୍ଛେଦ ୨୧କୁ ମାନବୀୟ ମର୍ଯ୍ୟାଦା ସହିତ ଯୋଡ଼ିଛନ୍ତି। ତେଣୁ କୌଣସି ବ୍ୟକ୍ତି ଅପରାଧରେ ଅଭିଯୁକ୍ତ ହେଲେ ମଧ୍ୟ ତାଙ୍କର ଜୀବନ, ମର୍ଯ୍ୟାଦା ଓ ଆଇନସମ୍ମତ ଅଧିକାର ଶେଷ ହୋଇଯାଏ ନାହିଁ। ପୁଲିସ୍ ଏନ୍‌କାଉଣ୍ଟର ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ୨୦୧୪ ମସିହାର People's Union for Civil Liberties ବନାମ State of Maharashtra ରାୟ ଏକ ଐତିହାସିକ ଆଇନଗତ ମାନଦଣ୍ଡ ସୃଷ୍ଟି କରିଛି। ଏହି ମାମଲାରେ କୋର୍ଟ କହିଥିଲେ ଯେ ପୁଲିସ୍ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଲେ ଘଟଣାର ସାଧୀନ ଓ ପ୍ରଭାବଶାଳୀ ତଦନ୍ତ ହେବା ଆବଶ୍ୟକ। ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟଣାରେ ଏଫ୍‌ଆଇଆର୍ ରୁଜୁ କରିବା, ଘଟଣା ସମ୍ପର୍କିତ ପ୍ରମାଣ ସୁରକ୍ଷିତ ରଖିବା ଏବଂ ସାଧୀନ ତଦନ୍ତ କରିବା ଭଳି ପଦକ୍ଷେପକୁ କୋର୍ଟ ଆବଶ୍ୟକ ବୋଲି ଧାର୍ଯ୍ୟ କରିଥିଲେ।

ଏନ୍‌କାଉଣ୍ଟର ତଦନ୍ତରେ ଘଟଣାସ୍ଥଳକୁ ସୁରକ୍ଷିତ ରଖିବା, ଭୌତିକ ପ୍ରମାଣ ସଂଗ୍ରହ କରିବା, ଅସ୍ତ୍ର, ଗୁଳି ଓ କାର୍ତ୍ତୁଜ ଭଳି ପ୍ରମାଣର ସୁରକ୍ଷା କରିବା, ଘଟଣାର ସାକ୍ଷୀମାନଙ୍କ ବୟାନ ନେବା ଏବଂ ମୃତ ବ୍ୟକ୍ତିଙ୍କ ପରିଚୟ ସ୍ଥିର କରିବା ଭଳି ପଦକ୍ଷେପର ଆବଶ୍ୟକତା କୋର୍ଟ ଉଲ୍ଲେଖ କରିଥିଲେ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ଏବଂ ତଦନ୍ତ ପ୍ରକ୍ରିୟା ଉପରେ କୌଣସି ପକ୍ଷର ପ୍ରଭାବ ନ ପଡ଼ିବା।

ସୁପ୍ରିମ୍‌କୋର୍ଟ ଏହା ମଧ୍ୟ କହିଥିଲେ ଯେ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଲେ ତଦନ୍ତ ସେହି ପୁଲିସ୍ ଦଳ ଦ୍ୱାରା କରାଯିବା ଉଚିତ ନୁହେଁ ଯେଉଁମାନେ ଘଟଣାରେ ଜଡ଼ିତ ଥିଲେ। ଅନ୍ୟ ଥାନାର ପୁଲିସ୍ ଦଳ କିମ୍ବା ସିଆଇଡି ଦ୍ୱାରା ଜଣେ ବରିଷ୍ଠ ଅଧିକାରୀଙ୍କ ନିରୀକ୍ଷଣରେ ସାଧୀନ ତଦନ୍ତ କରାଯିବାର ବ୍ୟବସ୍ଥା କୋର୍ଟ କରିଥିଲେ। ଏହା ତଦନ୍ତର ନିରପେକ୍ଷତା ପାଇଁ ଏକ ମୁଖ୍ୟ ସୁରକ୍ଷା ବ୍ୟବସ୍ଥା। କୋର୍ଟ ଏହି ନିୟମଗୁଡ଼ିକୁ ଅନୁଚ୍ଛେଦ ୧୪୧ ଅନୁଯାୟୀ ବାଧ୍ୟତାମୂଳକ ଆଇନ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ହେପାଜତରେ ମୃତ୍ୟୁ ମଧ୍ୟ ଆଇନର ଶାସନ ପାଇଁ ଏକ ଗମ୍ଭୀର ପରୀକ୍ଷା। ଜଣେ ବ୍ୟକ୍ତି ଯେତେବେଳେ ପୁଲିସ୍ ହେପାଜତରେ ଥାଆନ୍ତି, ସେତେବେଳେ ତାଙ୍କ ସୁରକ୍ଷାର ଦାୟିତ୍ୱ ରାଜ୍ୟ ବ୍ୟବସ୍ଥା ଉପରେ ଥାଏ। ତେଣୁ ହେପାଜତରେ ମୃତ୍ୟୁ ଘଟିଲେ ମୃତ୍ୟୁର ପ୍ରକୃତ କାରଣ, ଘଟଣାର ପରିସ୍ଥିତି ଏବଂ କୌଣସି ଅନିୟମିତତା ଘଟିଛି କି ନାହିଁ ତାହା ନିରପେକ୍ଷ ଭାବରେ ତଦନ୍ତ ହେବା ଦରକାର। ପୁଲିସ୍ ହେପାଜତରେ ଥିବା ବ୍ୟକ୍ତି ଅଭିଯୁକ୍ତ ହୋଇଥିଲେ ମଧ୍ୟ ସେ ତାଙ୍କ ମାନବିକ ଅଧିକାରରୁ ବଞ୍ଚିତ ହୋଇପାରିବେ ନାହିଁ। ଏଠାରେ ଆଉ ଏକ ମୂଳ ପ୍ରଶ୍ନ ହେଉଛି ପୁଲିସ୍ ବଳ ପ୍ରୟୋଗର ସୀମା। ଅପରାଧୀଙ୍କୁ ଧରିବା କିମ୍ବା ଜନସାଧାରଣଙ୍କ ସୁରକ୍ଷା ପାଇଁ




**ଡ. ଗିରୀଶ ରଂଜନ ସାହୁ**
ସେଞ୍ଚୁରିଅନ୍ ବିଶ୍ୱ ବିଦ୍ୟାଳୟ,
ଭୁବନେଶ୍ୱର, ୯୪୩୮୩୨୧୫୫୧


ପୁଲିସ୍‌କୁ ଆଇନସମ୍ମତ ଭାବରେ ବଳ ପ୍ରୟୋଗ କରିବାର ଅଧିକାର ରହିପାରେ। କିନ୍ତୁ ସେହି ଅଧିକାର ଅସୀମ ନୁହେଁ। ପରିସ୍ଥିତି ଅନୁଯାୟୀ ଆବଶ୍ୟକତା, ଆଇନସମ୍ମତତା ଓ ଯୁକ୍ତିଯୁକ୍ତତା ଭଳି ମାନଦଣ୍ଡ ଗୁରୁତ୍ୱପୂର୍ଣ୍ଣ। ଅତ୍ୟଧିକ ବଳ ପ୍ରୟୋଗ ହେଲେ ତାହାର ଆଇନଗତ ଜବାବଦେହିତା ନିର୍ଦ୍ଧାରଣ ହେବା ଆବଶ୍ୟକ।

ଏକ ଗଣତାନ୍ତ୍ରିକ ଦେଶରେ ପୁଲିସ୍‌ର ଶକ୍ତି ଆବଶ୍ୟକ, କିନ୍ତୁ ସେହି ଶକ୍ତି ଉପରେ ଆଇନର ନିୟନ୍ତ୍ରଣ ମଧ୍ୟ ସମାନ ଭାବେ ଆବଶ୍ୟକ। ପୁଲିସ୍‌ର ଦାୟିତ୍ୱ କେବଳ ଅପରାଧୀଙ୍କୁ ଧରିବା ନୁହେଁ, ବରଂ ଆଇନ ଅନୁଯାୟୀ ଅପରାଧର ତଦନ୍ତ କରି ଅଭିଯୁକ୍ତଙ୍କୁ ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପନ କରିବା। ଅପରାଧର ଶେଷ ନିଷ୍ପତ୍ତି ପୁଲିସ୍‌ର ନୁହେଁ, ନ୍ୟାୟାଳୟର। ଏହି ମୂଳ ନୀତି ହିଁ ଜଙ୍କକ୍ଷର କ୍ଟଲ ଖବଙ୍ଗର ଆତ୍ମା। ଏନ୍‌କାଉଣ୍ଟରକୁ ନେଇ ଆଉ ଏକ ଦିଗ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ପୁଲିସ୍ ଏନ୍‌କାଉଣ୍ଟରକୁ ଅବଶ୍ୟ ଅବୈଧ ବୋଲି ଧରିନେବା ଯେପରି ଠିକ୍ ନୁହେଁ, ସେହିପରି ପୁଲିସ୍‌ର ବୟାନକୁ ତଦନ୍ତ ବିନା ଅନ୍ତିମ ସତ୍ୟ ବୋଲି ଗ୍ରହଣ କରିବା ମଧ୍ୟ ଆଇନର ଶାସନ ସହିତ ସମଞ୍ଜସ ନୁହେଁ। ଘଟଣାର ସତ୍ୟତା ନିରପେକ୍ଷ ତଦନ୍ତ, ବୈଜ୍ଞାନିକ ପ୍ରମାଣ, ସାକ୍ଷୀଙ୍କ ବୟାନ ଏବଂ ଆଇନସମ୍ମତ ପ୍ରକ୍ରିୟା ମାଧ୍ୟମରେ ସ୍ଥିର ହେବା ଦରକାର। ଏହି ନୀତି ହିଁ ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥାକୁ ଦୃଢ଼ କରେ।

ଆଜିର ସମୟରେ ପୁଲିସ୍ ବ୍ୟବସ୍ଥା ପ୍ରତି ଲୋକଙ୍କ ଆଶା ବହୁତ ଅଧିକ। ଅପରାଧ ବଢ଼ିଲେ ଲୋକେ ଶୀଘ୍ର ନ୍ୟାୟ ଚାହାନ୍ତି। କିନ୍ତୁ ଶୀଘ୍ର ନ୍ୟାୟ ଏବଂ ଆଇନସମ୍ମତ ନ୍ୟାୟ ମଧ୍ୟରେ ସନ୍ତୁଳନ ରହିବା ଦରକାର। ଆଇନକୁ ଅଣଦେଖା କରି ତୁରନ୍ତ ଫଳ ଦେଖାଇବା ଦୀର୍ଘକାଳରେ ନ୍ୟାୟ ବ୍ୟବସ୍ଥା ପାଇଁ କ୍ଷତିକାରକ ହୋଇପାରେ। ତେଣୁ ଅପରାଧ ନିୟନ୍ତ୍ରଣ ସହିତ ମାନବାଧିକାର, ସମ୍ବିଧାନିକ ଅଧିକାର ଓ ଆଇନସମ୍ମତ ପ୍ରକ୍ରିୟାକୁ ସମାନ ଗୁରୁତ୍ୱ ଦେବା ଦରକାର।

ପୁଲିସ୍‌ର ଉପରେ ଆସ୍ଥା ରହିବା ଦରକାର। କିନ୍ତୁ ଆସ୍ଥାର ଅର୍ଥ ଅନ୍ଧ ବିଶ୍ୱାସ ନୁହେଁ। ଜବାବଦେହିତା ହିଁ ଆସ୍ଥାକୁ ଦୃଢ଼ କରେ। ଯେଉଁଠାରେ ଅଭିଯୋଗ ଆସେ, ସେଠାରେ ନିରପେକ୍ଷ ତଦନ୍ତ ହେବା ଦରକାର। ଯଦି ଅଭିଯୋଗ ଭୁଲ୍ ପ୍ରମାଣିତ ହୁଏ, ପୁଲିସ୍‌ର ମର୍ଯ୍ୟାଦା ରକ୍ଷା ପାଇବ। ଯଦି ଅନିୟମିତତା ପ୍ରମାଣିତ ହୁଏ, ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ନିଆଯାଇପାରିବ। ଉଭୟ କ୍ଷେତ୍ରରେ ନିରପେକ୍ଷ ତଦନ୍ତ ହିଁ ସତ୍ୟକୁ ସାମ୍ନାକୁ ଆଣିପାରେ।

ସୁପ୍ରିମ୍‌କୋର୍ଟଙ୍କ ଚଟଉଖ ରାୟର ମୂଳ ସନ୍ଦେଶ ହେଉଛି ଆଇନର ଶାସନକୁ ରକ୍ଷା କରିବା। ରାଜ୍ୟର ଅପରାଧ ନିୟନ୍ତ୍ରଣ କ୍ଷମତା ଆବଶ୍ୟକ, କିନ୍ତୁ ସେହି କ୍ଷମତା ସମ୍ବିଧାନ ଓ ଆଇନ ଦ୍ୱାରା ସୀମିତ। ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଲେ ସାଧୀନ ତଦନ୍ତ, ପ୍ରମାଣର ସୁରକ୍ଷା ଏବଂ ଦାୟିତ୍ୱ ନିର୍ଦ୍ଧାରଣର ନିୟମ ଏହି କାରଣରୁ ଗୁରୁତ୍ୱପୂର୍ଣ୍ଣ। ଶେଷରେ କୁହାଯାଇପାରେ, ପ୍ରଶ୍ନଟି କେବଳ ପୁଲିସ୍ ହିଂସା ବଢୁଛି କି ନାହିଁ ତାହା ନୁହେଁ। ମୁଖ୍ୟ ପ୍ରଶ୍ନ ହେଉଛି ପୁଲିସ୍ କାର୍ଯ୍ୟରେ ଆଇନଗତ ଜବାବଦେହିତା, ସାଧୀନ ତଦନ୍ତ, ମାନବାଧିକାରର ସୁରକ୍ଷା ଏବଂ ସମ୍ବିଧାନିକ ପ୍ରକ୍ରିୟା କେତେ ଦୃଢ଼ ଭାବରେ କାର୍ଯ୍ୟକାରୀ ହେଉଛି। ହେପାଜତରେ ମୃତ୍ୟୁ ହେଉ କି ଏନ୍‌କାଉଣ୍ଟର, ପ୍ରତ୍ୟେକ ଜୀବନର ମୂଲ୍ୟ ରହିଛି। ଅଭିଯୁକ୍ତ ହେଉ କି ଅଭିଯୋଗକାରୀ, ପ୍ରତ୍ୟେକ ବ୍ୟକ୍ତି ଆଇନର ସୁରକ୍ଷା ପାଇବାର ଅଧିକାରୀ। ପୁଲିସ୍ ହେଉଛି ଆଇନର ରକ୍ଷକ, ଆଇନରୁ ଉପରେ ନୁହେଁ। ଆଇନର ଶାସନ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ରାଜ୍ୟର ଶକ୍ତିଶାଳୀ ସଂସ୍ଥା ମଧ୍ୟ ଆଇନର ସୀମା ମଧ୍ୟରେ ରହି କାର୍ଯ୍ୟ କରେ। ନ୍ୟାୟ କେବଳ ହେବା ନୁହେଁ, ନ୍ୟାୟ ହୋଇଥିବାର ବିଶ୍ୱାସ ମଧ୍ୟ ରହିବା ଦରକାର। ସେହି ବିଶ୍ୱାସ ହିଁ ଗଣତନ୍ତ୍ରର ଶକ୍ତି ଏବଂ ଆଇନର ଶାସନର ପ୍ରକୃତ ପରିଚୟ।

## ଅମର ଗାଥା: ଓଡ଼ିଶାର ମହାନ୍ ଅଗ୍ନିପିଣ୍ଡ ଚନ୍ଦନ ହଜୁରୀ

୧୮୫୭ ମସିହାର ପ୍ରଥମ ଭାରତୀୟ ସାଧୀନତା ସଂଗ୍ରାମର ବହ୍ନି ଯେତେବେଳେ ସମଗ୍ର ଦେଶକୁ ଆନ୍ଦୋଳିତ କରୁଥିଲା, ସେତେବେଳେ ସୁଦୂର ଉତ୍ତର ଭାରତର ସାମରିକ ଛାଉଣୀଗୁଡ଼ିକରେ ବୁଲି ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହର ଗୁପ୍ତ ବୀଜ ବୁଣୁଥିଲେ ଜଣେ ସାହସୀ ଓଡ଼ିଆ ପୁତ୍ର। ଯାତ୍ରୀ ପଣ୍ଡା ବେଶରେ ସିପାହୀମାନଙ୍କୁ ଏକଜୁଟ କରିବା, ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କର ପରମ ମିତ୍ର ତଥା ରଣନୈତିକ ପରାମର୍ଶଦାତା ସାଜି ଇଂରେଜ ସାମ୍ରାଜ୍ୟର ଭିତ୍ତିଭୂମିକୁ ଦୋହଲାଇ ଦେବା ଏବଂ ମାତୃଭୂମିର ସାଧୀନତା ପାଇଁ ନିଜର ସମସ୍ତ ସୁଖ-ସମ୍ପତ୍ତିକୁ ଜଳାଞ୍ଜଳି ଦେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବ୍ରିଟିଶ ଅତ୍ୟାଚାର ଆଗରେ ଆଣ୍ଠୁ ନଟେକିବା ଥିଲା ତାଙ୍କର ଚରିତ୍ର । ସାଧୀନତାର ସେହି ମହାଯଜ୍ଞରେ ନିଜର ଅପୂର୍ବ ଶୌର୍ଯ୍ୟ, ଅସାଧାରଣ ସାଂଗଠନିକ ଦକ୍ଷତା ଏବଂ ଦେଶପ୍ରେମର ଅମ୍ଳାନ ସାକ୍ଷର ଛାଡ଼ିଯାଇଥିବା ସେହି ମହାନ ବିପ୍ଳବୀ, କ୍ରାନ୍ତିକାରୀ ଜନନାୟକ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ସେବକ ସେହି ବୀର ପୁରୁଷ ଜଣକ ହେଉଛନ୍ତି ଅନ୍ୟ କେହି ନୁହନ୍ତି, ସେ ହେଉଛନ୍ତି ଓଡ଼ିଶା ମାଟିର ଗର୍ବ ଚନ୍ଦନ ହଜୁରୀ, ଯିଏ କି ସମଗ୍ର ଜନମାନସରେ 'ଚାଖୀ ଖୁଣ୍ଟିଆ' ଭାବରେ ସୁପରିଚିତ ।

୧୮୨୭ ମସିହା ନଭେମ୍ବର ମାସର ପବିତ୍ର ଅଁଳା ନବମୀ ତିଥିରେ ପୁରୀର ହରଚଣ୍ଡୀ ସାହିରେ ଜନ୍ମଗ୍ରହଣ କରିଥିଲେ ଚନ୍ଦନ ହଜୁରୀ। ତାଙ୍କ ପିତା ରଘୁନାଥ ହଜୁରୀ ଏବଂ ମାତା କମଳାବତୀଙ୍କ କୋଳମଣ୍ଡନ କରିଥିବା ଏହି ଶିଶୁଟି ପରବର୍ତ୍ତୀ ସମୟରେ ଇତିହାସ ସୃଷ୍ଟି କରିବ ବୋଲି ହୁଏତ ସେତେବେଳେ କେହି ଭାବି ନଥିଲେ । ମହାପ୍ରଭୁଙ୍କ ପଣ୍ଡା ବା ସେବାୟତ ଭାବରେ ସେ ଶ୍ରୀଜଗନ୍ନାଥଙ୍କ ଯାତ୍ରୀମାନଙ୍କୁ ସେବା ଯୋଗାଉଥିଲେ ଏବଂ ଏହି କାରଣରୁ ଶ୍ରଦ୍ଧାଳୁମାନେ ତାଙ୍କୁ ଆଦରରେ ଚଖୀ ଖୁଣ୍ଟିଆ ବୋଲି ଡାକୁଥିଲେ। ପିଲାଦିନୁ ତାଙ୍କର ଶରୀର ଗଠନ ବେଶ୍ ସୁଦୃଢ଼ ଥିଲା ଏବଂ ସେ ପୁରୀର ପାରମ୍ପରିକ ଜାଗାଘର ସଂସ୍କୃତିରେ ବଢ଼ି ମଲ୍ଲଯୁଦ୍ଧ, ଅସିଚାଳନା ଓ ଲାଠିଖେଳ ଆଦି ଯୁଦ୍ଧବିଦ୍ୟାରେ ନିପୁଣତା ହାସଲ କରିଥିଲେ । ଏହାସହ ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା ଏବଂ ସେ ନିଜେ ଅନେକ ଦେଶାତ୍ମବୋଧକ କବିତା ଓ ଭଜନ ମଧ୍ୟ ରଚନା କରୁଥିଲେ । ମାତ୍ର ତାଙ୍କ ଭିତରେ ଲୁଚି ରହିଥିବା ବିଦ୍ରୋହର ନିଆଁ ସେତେବେଳେ ପ୍ରଜ୍ୱଳିତ ହେଲା, ଯେତେବେଳେ ସେ ବ୍ରିଟିଶ ଶାସକମାନଙ୍କର ଅତ୍ୟାଚାର ଏବଂ ଜନସାଧାରଣଙ୍କ ଉପରେ ହେଉଥିବା ଅନ୍ୟାୟକୁ ଅତି ନିକଟରୁ ଦେଖିଲେ। ଜଗନ୍ନାଥ ସଂସ୍କୃତିରେ ଦୀକ୍ଷିତ ଏହି ବୀର ପୁରୁଷ ନିଜର ଆତ୍ମସମ୍ମାନ ଓ ଦେଶର ସାଧୀନତା ପାଇଁ ସର୍ବସ୍ୱ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ହେଲେ। ଚନ୍ଦନ ହଜୁରୀଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କ ସହ ତାଙ୍କର ସମ୍ପର୍କ । ଜଗନ୍ନାଥଙ୍କ ପଣ୍ଡା ଭାବରେ ସେ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳ ଭ୍ରମଣ କରୁଥିଲେ ଏବଂ ଏହି କ୍ରମରେ ସେ ଝାନ୍ସୀ ରାଜପରିବାରର କୁଳଗୁରୁ ତଥା ପୁରୋହିତ ଦାୟିତ୍ୱ ତୁଲାଉଥିଲେ । ରାଣୀ ଲକ୍ଷ୍ମୀବାଈଙ୍କ ପିତା ମୋରୋପନ୍ତ ତାମ୍ବେଙ୍କ ସହ ତାଙ୍କର ସମ୍ପର୍କ ଅତି ନିବିଡ଼ ଥିଲା । ଯେତେବେଳେ ବ୍ରିଟିଶ ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସି ନିଜର 'ସତ୍ୱବିଲୋପ ନୀତି' ବା 'ଡକ୍ଟ୍ରିନ୍ ଅଫ୍ ଲାପ୍ସ' ପ୍ରୟୋଗ କରି ଝାନ୍ସୀକୁ ବ୍ରିଟିଶ ସାମ୍ରାଜ୍ୟରେ ମିଶାଇବାକୁ ଚେଷ୍ଟା କଲେ, ସେତେବେଳେ ଚାଖୀ ଖୁଣ୍ଟିଆ ରାଣୀଙ୍କୁ ସାହସ ଦେଇଥିଲେ। ସେ ରାଣୀ ଲକ୍ଷ୍ମୀବାଈଙ୍କୁ କେବଳ ରାଜନୈତିକ ଏବଂ ରଣନୈତିକ ପରାମର୍ଶ ଦେଇ ନଥିଲେ, ବରଂ ତାଙ୍କୁ ଇଂରେଜମାନଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ଅନୁପ୍ରାଣିତ କରିଥିଲେ । ରାଣୀ ଲକ୍ଷ୍ମୀବାଈ ତାଙ୍କୁ ନିଜର ଦେଶଭକ୍ତ ବନ୍ଧୁ ଓ ଗୁରୁ ଭାବରେ ସମ୍ମାନ କରୁଥିଲେ। ୧୮୫୭




**ଇଂ. ଅମର ବେହେରା**
ବରଡିହି, ଅସ୍ତରଙ୍ଗ, ପୁରୀ


ମସିହାର ବିଦ୍ରୋହ ପୂର୍ବରୁ ଚାଖି ଖୁଣ୍ଟିଆ ଉତ୍ତର ଭାରତର ଇଂରେଜ ସେନାରେ ଥିବା ଭାରତୀୟ ସିପାହୀମାନଙ୍କ ମଧ୍ୟରେ ଗୁପ୍ତରେ ବ୍ରିଟିଶ ବିରୋଧୀ ମନୋଭାବ ଜାଗ୍ରତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଗୋଟିଏ ସାମରିକ ଛାଉଣୀରୁ ଅନ୍ୟ ଛାଉଣୀକୁ ଯାଇ ସିପାହୀମାନଙ୍କୁ ଦେଶ ମାତୃକାର ସେବା ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ।

୧୮୫୭ ମସିହାରେ ଯେତେବେଳେ ସିପାହୀ ବିଦ୍ରୋହର ମହାସମର ଆରମ୍ଭ ହେଲା, ଚନ୍ଦନ ହଜୁରୀ ତାର କେନ୍ଦ୍ରବିନ୍ଦୁ ସାଜିଥିଲେ। ରାଣୀ ଲକ୍ଷ୍ମୀବାଈଙ୍କ ନେତୃତ୍ୱରେ ଝାନ୍ସୀରେ ହୋଇଥିବା ପ୍ରବଳ ସଂଗ୍ରାମରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ତାଙ୍କର ଚତୁର ରଣନୀତି ଏବଂ ସାଂଗଠନିକ ଦକ୍ଷତା ଯୋଗୁଁ ଇଂରେଜ ସରକାର ଅତିଷ୍ଠ ହୋଇପଡ଼ିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ, ଏହି ସଂଗ୍ରାମରେ ଅନେକ ଦେଶୀୟ ରାଜାଙ୍କ ବିଶ୍ୱାସଘାତକତା ଏବଂ ଇଂରେଜମାନଙ୍କର କୂଟନୀତି ଯୋଗୁଁ ବିଦ୍ରୋହ ବିଫଳ ହେଲା ଓ ରଣାଙ୍ଗନରେ ବୀରତ୍ୱର ସହ ଲଢ଼ି ରାଣୀ ଲକ୍ଷ୍ମୀବାଈ ସହିଦ ହେଲେ। ରାଣୀଙ୍କ ମୃତ୍ୟୁ ପରେ ଇଂରେଜମାନେ ଚାଖୀ ଖୁଣ୍ଟିଆଙ୍କୁ ସବୁଠାରୁ ବଡ଼ ଶତ୍ରୁ ଭାବେ ଘୋଷଣା କଲେ ଏବଂ ତାଙ୍କୁ ଗିରଫ କରିବା ପାଇଁ ଚତୁର୍ଦ୍ଦିଗରେ ଜାଲ ବିଛାଇଲେ। ଚନ୍ଦନ ହଜୁରୀ କିଛି ଦିନ ଆତ୍ମଗୋପନ କରି ରହିବା ପରେ ବିହାରର ଗୟା ଅଞ୍ଚଳରୁ ବ୍ରିଟିଶ ପୋଲିସ ଦ୍ୱାରା ଗିରଫ ହେଲେ। ତାଙ୍କର ସମସ୍ତ ସମ୍ପତ୍ତି ବ୍ରିଟିଶ ସରକାର ବାଜ୍ୟାପ୍ତ କରିଦେଇଥିଲେ ମଧ୍ୟ ସାକ୍ଷ୍ୟ ପ୍ରମାଣର ଅଭାବ ଏବଂ ମହାରାଣୀ ଭିକ୍ଟୋରିଆଙ୍କ ସାଧାରଣ କ୍ଷମା ପ୍ରାର୍ଥନା ଘୋଷଣାନାମା ଆଧାରରେ ସେ ଜେଲରୁ ମୁକ୍ତ ହୋଇ ପୁରୀ ଫେରିଆସିଲେ ।

ଜୀବନର ଶେଷ ସମୟରେ ଚନ୍ଦନ ହଜୁରୀ ସମ୍ପୂର୍ଣ୍ଣ ଭାବେ ଶ୍ରୀଜଗନ୍ନାଥଙ୍କ ଚରଣରେ ନିଜକୁ ସମର୍ପଣ କରିଦେଇଥିଲେ ମଧ୍ୟ ତାଙ୍କ ଭିତରେ ଥିବା ସାଧୀନତାର ଅଗ୍ନିଶିଖା କେବେହେଲେ ନିର୍ବାପିତ ହୋଇନଥିଲା। ଶେଷରେ, ୧୮୭୦ ମସିହାରେ ମାତ୍ର ୪୩ ବର୍ଷ ବୟସରେ ଏହି ମହାନ କ୍ରାନ୍ତିକାରୀ ଜଗନ୍ନାଥଙ୍କ ସାନ୍ନିଧ୍ୟରେ ଶେଷ ନିଶ୍ୱାସ ତ୍ୟାଗ କଲେ। ମୃତ୍ୟୁ ଶଯ୍ୟାରେ ଶୟନ କରିଥିବା ବେଳେ, ବ୍ରିଟିଶ୍ ବନ୍ଧୁକର ଗୁଳି ଯେଉଁ ସାହସକୁ ଡରାଇ ପାରିନଥିଲା, ତାହା ମହାପ୍ରଭୁଙ୍କ ନୀଳଚକ୍ର ଦର୍ଶନରେ ଅଶ୍ରୁଳ ହୋଇପଡ଼ିଥିଲା । କୁହାଯାଏ, ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନାକୁ ଚାହିଁ ଅତି କ୍ଷୀଣ ସ୍ ?ରରେ ଗାଇଥିଲେ ନିଜର ପ୍ରିୟ ଜଣାଣ "ଜଗବନ୍ଧୁ ପରି ଜଣେ ସଖା ନାହିଁ, ଜଗତ ଦେଖିଲି ମୁଁ ଖୋଜି..."। ସେହି ମୁହୂର୍ତ୍ତରେ ତାଙ୍କ ଓଠରେ ଭକ୍ତିର ଅମୃତ ଏବଂ ହୃଦୟରେ ମାତୃଭୂମିର ମୁକ୍ତିର ଆକାଂକ୍ଷା ଥିଲା। ବାହାରେ ସେତେବେଳେ ସନ୍ଧ୍ୟା ଆଳତିର ଶଙ୍ଖ ଓ ଘଣ୍ଟ ଧ୍ୱନି ଗର୍ଜି ଉଠୁଥିଲା, ଯେମିତି ପ୍ରକୃତି ନିଜେ ସେହି ବୀର ସନ୍ତାନକୁ ବିଦାୟ ଜଣାଉଥିଲା। ହଠାତ୍ ତାଙ୍କର ଶେଷ ନିଶ୍ୱାସ ବାୟୁରେ ମିଶିଗଲା ଏବଂ ଚନ୍ଦନ ହଜୁରୀ ନାମକ ସେହି ମହାନ୍ ଅଗ୍ନିପିଣ୍ଡ ଶ୍ରୀଜଗନ୍ନାଥଙ୍କ ପରମ ଜ୍ୟୋତିରେ ବିଲୀନ ହୋଇଗଲା । ସେ ଚାଲିଗଲେ ସତ, କିନ୍ତୁ ଭାରତୀୟ ଆକାଶରେ ଏକ ଅମର ଧ୍ରୁବତାରା ସଦୃଶ ନିଜର ଶୌର୍ଯ୍ୟ ଓ ଦେଶଭକ୍ତିର ଆଲୋକ ଛାଡ଼ିଗଲେ, ଯାହା ଆଜି ବି ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଦେଶମାତୃକାର ଚରଣରେ ସର୍ବସ୍ୱ ଉତ୍ସର୍ଗ କରିବାକୁ ନିରନ୍ତର ପ୍ରେରଣା ଯୋଗାଉଛି ।

## ହିନ୍ଦୁ ଧର୍ମରେ ପିତୃ ପକ୍ଷ: ପରମ୍ପରା, ସଂସ୍କାର ଓ ସାମାଜିକ-ଆଧ୍ୟାତ୍ମିକ ଚେତନା

ସନାତନ ହିନ୍ଦୁ ସଂସ୍କୃତିରେ ପିତୃ ପକ୍ଷ (ଶ୍ରାଦ୍ଧ ପକ୍ଷ) ହେଉଛି ଏକ ଅତ୍ୟନ୍ତ ପବିତ୍ର, ଗୁରୁତ୍ୱପୂର୍ଣ୍ଣ ଓ ମାନ୍ୟତାପୂର୍ଣ୍ଣ ସମୟ। ଭାଦ୍ରବ ମାସର ପୂର୍ଣ୍ଣିମାଠାରୁ ଆଶ୍ୱିନ ମାସର ଅମାବାସ୍ୟା (ମହାଳୟା) ପର୍ଯ୍ୟନ୍ତ ୧୫ ଦିନର ଏହି କାଳଖଣ୍ଡରେ ଆମେ ଆମର ଗୋତ୍ର, ବଂଶ ଓ ପୂର୍ବପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଓ କୃତଜ୍ଞତା ଜ୍ଞାପନ କରିଥାଉ।

ପିତୃ ପକ୍ଷ ପାଳନର ଆଧ୍ୟାତ୍ମିକ ଓ ସାମାଜିକ କାରଣ: ପିତୃଋଣରୁ ମୁକ୍ତି: ଶାସ୍ତ୍ର ଅନୁସାରେ, ମନୁଷ୍ୟ ଜନ୍ମ ନେବା ମାତ୍ରେ ତିନୋଟି ମୁଖ୍ୟ ଋଣ ନେଇ ଆସିଥାଏ- ଦେବଋଣ, ଋଷିଋଣ ଓ ପିତୃଋଣ। ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ ଦ୍ୱାରା ପିତୃଋଣରୁ ମୁକ୍ତି ମିଳିଥାଏ। ହିନ୍ଦୁ ଧର୍ମରେ ମାନ୍ୟତା ରହିଛି ଯେ ଏହି ୧୫ ଦିନରେ ପିତୃପୁରୁଷଙ୍କ ଆତ୍ମା ମର୍ତ୍ତ୍ୟଲୋକକୁ ଆସିଥାନ୍ତି। ଜଳ, କଳା ତିଳ ବା ରାଶି ଓ ପିଣ୍ଡଦାନ ଅର୍ପଣ କରିବା ଦ୍ୱାରା ସେମାନଙ୍କ ଆତ୍ମା ତୃପ୍ତ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି।

ସାମାଜିକ କାରଣ: ଆଜି ଆମେ ଯେଉଁ ଜୀବନ, ସମ୍ପତ୍ତି, ପରିଚୟ ଓ ସଂସ୍କାର ପାଇଛେ, ତାହା ସେମାନଙ୍କର ହିଁ ଅବଦାନ। ସେମାନଙ୍କ ଅଦୃଶ୍ୟ ତ୍ୟାଗକୁ ସ୍ମରଣ କରିବା ଏହି ପର୍ବର ମୂଳ ଉଦ୍ଦେଶ୍ୟ। ଏହି ସମୟରେ ବ୍ରାହ୍ମଣ, ଗରିବ, ଅସହାୟଙ୍କ ସମେତ ଗାଈ, କାଉ, କୁକୁର ଆଦି ପ୍ରାଣୀମାନଙ୍କୁ ଭୋଜନ ଦିଆଯାଏ, ଯାହା ସମାଜରେ ପରୋପକାର ଓ ଜୀବସେବାର ଭାବନା ଜାଗ୍ରତ କରେ।

ମଣିଷ ଯେତେବେଳେ ନିଜର ମୂଳ ବା ଚେର ରୁ ବିଚ୍ଛିନ୍ନ ହୋଇଯାଏ, ସେତେବେଳେ ନୈତିକ ଓ ସାଂସ୍କୃତିକ ପତନ ଆରମ୍ଭ ହୁଏ। ପିତୃ ପକ୍ଷ ଆମକୁ ସ୍ମରଣ କରାଇଦିଏ ଯେ ଆମେ କେବଳ ବର୍ତ୍ତମାନରେ ବଞ୍ଚୁନାହୁଁ, ବରଂ ଆମ ପଛରେ ଏକ ସମୃଦ୍ଧ ବଂଶାବଳୀ ର ଇତିହାସ ରହିଛି। ଅହଂକାର ଦୂର କରି ନମ୍ର ହେବା ଏବଂ ସଂସ୍କାର ଜୀବନ୍ତ ରଖିବା ପାଇଁ ଏହାର ଆବଶ୍ୟକତା ଅପରିହାର୍ଯ୍ୟ। ଏଥିପାଇଁ ଆମେ ନିଜ ନିଜ ପୂର୍ବ ପୁରୁଷ ୭ ପୁରୁଷ ଙ୍କୁ ମନେ ପକାଇବା ସାଧାରଣତଃ ପ୍ରାୟ ପରିବାର ନିଜର ତିନି ପୁରୁଷ ଙ୍କ ନାମ ନେଇ ପାରି ଥାଉ ବେଳେ ବେଳେ ପୂର୍ବ ପିତୃ ଙ୍କ ନାମ ମନେ ନଥାଏ ଚଳିତ ବର୍ଷ (୨୦୨୬) ପିତୃ ପକ୍ଷ ୨୬ ସେପ୍ଟେମ୍ବର (ଶନିବାର) ରୁ ଆରମ୍ଭ ହୋଇ ୧୦ ଅକ୍ଟୋବର (ଶନିବାର) ମହାଳୟା ଅମାବାସ୍ୟାରେ ସମାପ୍ତ ହେବ।

ପୂର୍ଣ୍ଣିମା ଶ୍ରାଦ୍ଧ (ଆରମ୍ଭ): ୨୬ ସେପ୍ଟେମ୍ବର ୨୦୨୬ (ଶନିବାର)

ପ୍ରତିପଦା ତିଥି (ପ୍ରଥମ ଶ୍ରାଦ୍ଧ): ୨୭ ସେପ୍ଟେମ୍ବର ୨୦୨୬ (ରବିବାର)

ମାତୃ ନବମୀ: ୪ ଅକ୍ଟୋବର ୨୦୨୬ (ରବିବାର)

ସର୍ବପିତୃ ଅମାବାସ୍ୟା / ମହାଳୟା (ସମାପନ): ୧୦ ଅକ୍ଟୋବର ୨୦୨୬ (ଶନିବାର)

ମୃତ ବ୍ୟକ୍ତି ଯାହାର ଯାହାଙ୍କ ଉଦ୍ଦେଶ୍ୟ ରେ ପିଣ୍ଡ ବଢ଼ା ଯିବ ସେ ଯେଉଁ ତିଥି ରେ ପରଲୋକ ଗମନ କରିଥିଲେ ସେହି ତିଥିରେ ହିଁ ଶ୍ରାଦ୍ଧ ଦିଆଯାଏ ଯଦି ମନେ ନାହିଁ ତେବେ ମହାଳୟା ଦିନ ହିଁ ଦେବା ବିଧେୟ ଶ୍ରାଦ୍ଧ ଓ ତର୍ପଣର ବିଧି ପ୍ରାତଃକାଳରୁ ସ୍ନାନ ସାରି ଶୁଚିମନ୍ତ ହୋଇ ପ୍ରଥମେ ସୂର୍ଯ୍ୟଦେବତା ଙ୍କ ଉଦ୍ଦେଶ୍ୟ ରେ ପୂର୍ବ ଦିଗକୁ ମୁହଁ କରି ଓ ପରେ ଦକ୍ଷିଣ ଦିଗକୁ ମୁହଁ କରି ଜଳ ଅଞ୍ଜଳି ଦେବା ବିଧି ଅଛି ଅନାମିକା (କାଣୀ ଆଙ୍ଗୁଠି ପାଖ )ଆଙ୍ଗୁଠିରେ କୁଶର 'ପବିତ୍ରୀ' ଧାରଣ କରି ଜଳ, କଳାତିଳ ଓ କୁଶ ମାଧ୍ୟମରେ 'ତର୍ପଣ' କରାଯାଏ। ଦେବତାଙ୍କ ଉଦ୍ଦେଶ୍ୟ ରେ ସ୍ୱାହା ବ୍ୟବହାର କଲା ବେଳେ ପିତୃ ପୁରୁଷଙ୍କ ପାଇଁ ସ୍ୱଧା ଶବ୍ଦ ବ୍ୟବହାର ହୁଏ ଯେମିତି ଓଁ ଇନ୍ଦ୍ରାୟ ସ୍ୱାହା ଓଁ ପିତୃଭ୍ୟଃ ସ୍ୱଧା

ପିଣ୍ଡ ଦାନ :ଅନ୍ନ, ଗୋ-କ୍ଷୀର, ସର, ମଧୁ ଓ ତିଳ ମିଶ୍ରିତ କରି ପ୍ରସ୍ତୁତ




**ବିଭୂତି କଲ୍ୟାଣ ପଟେଲ**
କୁଚିଣ୍ଡା ସମ୍ବଲପୁର,
୯୪୩୭୫୩୫୧୪୪


ପିଣ୍ଡକୁ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ।

ପଞ୍ଚବଳି: ଭୋଜନ ପ୍ରସ୍ତୁତ ହେବା ପରେ ଗୋ-ବଳି (ଗାଈ), କାକ-ବଳି (କାଉ), ଶ୍ୱାନ-ବଳି (କୁକୁର), ଦେବ-ବଳି ଓ ପିପୀଲିକା-ବଳି (ପିମ୍ପୁଡ଼ି) ପାଇଁ ନିବେଦନ କରାଯାଏ।

ବ୍ରାହ୍ମଣ ଭୋଜନ ଓ ଦାନ: ଶ୍ରଦ୍ଧାର ସହ ବ୍ରାହ୍ମଣଙ୍କୁ ଭୋଜନ କରାଇ ବସ୍ତ୍ର ଓ ଦକ୍ଷିଣା ଦାନ କରି ଆଶୀର୍ବାଦ ନିଆଯାଏ। କୁଶକୁ ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ଉର୍ଜାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏହା ନକାରାତ୍ମକ ଶକ୍ତିକୁ ଦୂର କରି ଶୁଦ୍ଧତା ଆଣିଥାଏ। କୁଶ ବିନା ତର୍ପଣ ଓ ପୂଜା ଅସମ୍ପୂର୍ଣ୍ଣ ବୋଲି ଶାସ୍ତ୍ରରେ କୁହାଯାଇଛି।

ରାମାୟଣର ପ୍ରସଙ୍ଗ ଅନୁସାରେ, ଲଙ୍କାରେ ରାବଣ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭୟଭୀତ କିମ୍ବା ପ୍ରଲୋଭିତ କରିବାକୁ ଚେଷ୍ଟା କରୁଥିଲା, ସେତେବେଳେ ମାତା ସୀତା ନିଜର ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା ପାଇଁ କୁଶ ଲଟା (ତୃଣ) କୁ ନିଜ ଓ ରାବଣ ମଧ୍ୟରେ ଏକ ସୀମାରେଖା ଭାବେ ରଖୁଥିଲେ। ସେ କୁଶ ଲଟାକୁ ସମ୍ବୋଧନ କରି ରାବଣକୁ ଉତ୍ତର ଦେଉଥିଲେ, କୁଶ ଲଟା ଏଠାରେ ମାତା ସୀତାଙ୍କ ପତିବ୍ରତା ଧର୍ମ, ଆତ୍ମରକ୍ଷାର କବଚ, ପବିତ୍ରତା ଏବଂ ନାରୀଶକ୍ତିର ସ୍ୱାଭିମାନର ପ୍ରତୀକ ପାଲଟିଥିଲା।

ପିତୃ ପକ୍ଷ ପାଳନର ଲାଭ ଓ ଉପକାରିତା ପିତୃଦୋଷ ନିବାରଣ: କୁଣ୍ଡଳୀରେ ଥିବା ପିତୃଦୋଷ ଶାନ୍ତ ହୋଇ ପରିବାରରେ କଳହ, ଅଶାନ୍ତି ଓ ବାଧା ଦୂର ହୁଏ। ସୁଖ, ଶାନ୍ତି ଓ ସନ୍ତାନ ପ୍ରାପ୍ତି: ପିତୃପୁରୁଷଙ୍କ ପ୍ରସନ୍ନତା ଦ୍ୱାରା ବଂଶ ବୃଦ୍ଧି ହୁଏ ଏବଂ ଗୃହରେ ସୁଖ-ସମୃଦ୍ଧି ବିରାଜମାନ କରେ। ପୂର୍ବଜଙ୍କ ପ୍ରତି ସେବା ଓ ସ୍ମରଣ ମନକୁ ଆତ୍ମସନ୍ତୋଷ ଓ ଆଧ୍ୟାତ୍ମିକ ଶାନ୍ତି ପ୍ରଦାନ କରେ।

ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ବାର୍ତ୍ତା: 'ଯେଉଁ ଗଛ ନିଜ ମାଟି ଓ ଚେର ସହ ଯୋଡ଼ିହୋଇ ରହେ, ତାହା ହିଁ ଆକାଶ ଛୁଇଁବାର ସାମର୍ଥ୍ୟ ରଖେ।' ଆଜିର ଆଧୁନିକ ଓ ଦ୍ରୁତଗାମୀ ଯୁଗରେ ଆମର ଆଗାମୀ ପିଢ଼ି ପାଇଁ ପିତୃ ପକ୍ଷ କେବଳ ଏକ ପରମ୍ପରା ନୁହେଁ, ବରଂ ଏକ ସଂସ୍କାରର ପାଠଶାଳା। ଆମେ ଯେତେ ବଡ଼ ଶିକ୍ଷିତ, ସଫଳ କିମ୍ବା ଧନୀ ହୁଅନ୍ତୁ ନା କାହିଁକି, ନିଜ ପୂର୍ବପୁରୁଷଙ୍କ ତ୍ୟାଗ ଓ ସଂସ୍କାରକୁ କେବେ ବି ଭୁଲିବା ନାହିଁ। ପିତୃ ପକ୍ଷ ଆମକୁ ଶିଖାଏ ଯେ ମୃତ୍ୟୁ ପରେ ପିଣ୍ଡଦାନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଜୀବିତ ଅବସ୍ଥାରେ ନିଜର ବାପା, ମାଆ ଓ ବୃଦ୍ଧ ଜନଙ୍କୁ ଆଦର, ସମ୍ମାନ ଓ ଭଲପାଇବା ଦେବା ତା'ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ଆମ ସଂସ୍କୃତି ଆମକୁ ମାନବତା, ଦାନ, ଜୀବେଦୟା ଓ କୃତଜ୍ଞତା ଆଦି ଶିଖାଏ। ଏହି ଆଧ୍ୟାତ୍ମିକ ଭାବନାକୁ ପରବର୍ତ୍ତୀ ପିଢ଼ି ପାଖକୁ ନେଇଯିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ପିତୃପୁରୁଷଙ୍କ ସ୍ମୃତିରେ ଆମର ଗୋଟିଏ ବିନ୍ଦୁ ଜଳ ଓ ଶ୍ରଦ୍ଧାର ପ୍ରଣାମ ଆମ ଜୀବନକୁ ମଙ୍ଗଳମୟ କରି ଗଢ଼ି ତୋଳୁ। ଜୟ ପିତୃ ଦେବ !





# ମନକୁ ଦରକାର ଯତ୍ନ, ବିଚାର ନୁହେଁ



ଡ. ଜ୍ୟୋର୍ତିମୟୀ ମହାପାତ୍ର

ଜୀବନରେ ଏମିତି କିଛି ଦିନ ଆସେ, ଯେତେବେଳେ ସବୁକିଛି ଭାରି ଭାରି ଲାଗେ। ପରୀକ୍ଷା ପୂର୍ବରୁ ଜଣେ ଛାତ୍ରଛାତ୍ରୀ ଚିନ୍ତିତ ହୋଇପାରନ୍ତି, ଆର୍ଥିକ ସମସ୍ୟା ଜଣେ ଅଭିଭାବକଙ୍କୁ ଚିନ୍ତାରେ ପକାଇପାରେ, ସମ୍ପର୍କରେ ସମସ୍ୟା ହେଲେ ମନ ଖରାପ ହୋଇପାରେ, ଆଉ ପ୍ରିୟଜନଙ୍କୁ ହରାଇବାର ଦୁଃଖ ମନରେ ଗଭୀର ଶୋକ ଆଣିପାରେ। ଏସବୁ ଭାବନା ମାନବ ଜୀବନର ସ୍ୱାଭାବିକ ଅଂଶ। କିନ୍ତୁ ଯଦି ଦୁଃଖ କମୁନାହିଁ, ଚିନ୍ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହେଉଛି, ନିଦ ଓ ଭୋକରେ ପରିବର୍ତ୍ତନ ଆସୁଛି, ଏକାଗ୍ରତା କମିଯାଉଛି ଏବଂ ଯେଉଁ କାମଗୁଡ଼ିକ ଦିନେ ଆନନ୍ଦ ଦେଉଥିଲା ସେଗୁଡ଼ିକ ପ୍ରତି ଆଗ୍ରହ ଧୀରେ ଧୀରେ ହ୍ରାସ ପାଉଛି, ତେବେ ଏହାକୁ କେବଳ ''ଖରାପ ଦିନ'' ବୋଲି ଅଣଦେଖା ନକରି ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅବସାଦ ଓ ଚିନ୍ତା ସାଧାରଣ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଉଭୟର ଚିକିତ୍ସା ସମ୍ଭବ। ତଥାପି ଏହାକୁ ଅନେକ ସମୟରେ ଭୁଲ ବୁଝାଯାଏ ଏବଂ ''ଦୁର୍ବଳତା'', ''ଅଧିକ ଭାବିବା'' କିମ୍ବା ''ଇଚ୍ଛାଶକ୍ତିର ଅଭାବ'' ବୋଲି ଅବହେଳା କରାଯାଏ।

## ଅବସାଦ କ'ଣ ?

ଅବସାଦ କେବଳ ମନ ଦୁଃଖ ହେବା ନୁହେଁ। ଜୀବନରେ ନିରାଶା, ବିଫଳତା, ଶୋକ ଓ କଠିନ ସମୟ ସମସ୍ତଙ୍କ ଜୀବନରେ ଆସେ। କିନ୍ତୁ ଅବସାଦରେ ମନୋଭାବ ଏବଂ ଦୈନନ୍ଦିନ ଜୀବନଯାପନରେ ଏପରି ଏକ ସ୍ଥାୟୀ ପରିବର୍ତ୍ତନ ଆସିପାରେ, ଯାହା ଜଣେ ବ୍ୟକ୍ତି କିପରି ଭାବୁଛନ୍ତି, ଅନୁଭବ କରୁଛନ୍ତି, ଶୋଉଛନ୍ତି, ଖାଉଛନ୍ତି, କାମ କରୁଛନ୍ତି ଏବଂ ଅନ୍ୟମାନଙ୍କ ସହ ସମ୍ପର୍କ ରଖୁଛନ୍ତିସେସବୁକୁ ପ୍ରଭାବିତ କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଅବସାଦରେ ଦୀର୍ଘ ସମୟ ଧରି ଦୁଃଖ, ଆଗ୍ରହ କିମ୍ବା ଆନନ୍ଦର ଅଭାବ, ଶକ୍ତି କମିଯିବା, ଏକାଗ୍ରତାରେ ସମସ୍ୟା, ଅତ୍ୟଧିକ ଦୋଷବୋଧ କିମ୍ବା ନିଜକୁ ମୂଲ୍ୟହୀନ ମନେହେବା, ନିଦ କିମ୍ବା ଭୋକରେ ପରିବର୍ତ୍ତନ ଏବଂ ମୃତ୍ୟୁ କିମ୍ବା ଆତ୍ମହତ୍ୟା ସମ୍ପର୍କିତ ଚିନ୍ତା ଦେଖାଯାଇପାରେ। ସାଧାରଣତଃ ଏକ ଡିପ୍ରେସିଭ୍ ଏପିସୋଡ୍‌ରେ ଏହି ଲକ୍ଷଣଗୁଡ଼ିକ ଦିନର ଅଧିକାଂଶ ସମୟ, ପ୍ରାୟ ପ୍ରତିଦିନ, ଅତି କମରେ ଦୁଇ ସପ୍ତାହ ରହିପାରେ। ତେବେ କୌଣସି ବ୍ୟକ୍ତିଙ୍କର ଲକ୍ଷଣ ଅବସାଦର ଚିକିତ୍ସାଗତ ମାନଦଣ୍ଡ ପୂରଣ କରୁଛି କି ନାହିଁ, ତାହା କେବଳ ଯୋଗ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିର୍ଣ୍ଣୟ କରିପାରିବେ।

ଅବସାଦ ସବୁବେଳେ ଲୁହ ମାଧ୍ୟମରେ ପ୍ରକାଶ ପାଏ ନାହିଁ। କେହି ବାରମ୍ବାର କାନ୍ଦିପାରନ୍ତି, ଆଉ କେହି ଭାବନାତ୍ମକ ଭାବେ ଶୂନ୍ୟ, ଅସାଧାରଣ ଭାବେ ଚୁପ୍ କିମ୍ବା ରାଗୀ ହୋଇପାରନ୍ତି। ଜଣେ ବ୍ୟକ୍ତି କାର୍ଯ୍ୟକ୍ଷେତ୍ରରେ ସାଧାରଣ ଭାବେ କାମ କରୁଥିବା କିମ୍ବା ପରିବାରର ଦାୟିତ୍ୱ ନିର୍ବାହ କରୁଥିବା ଦେଖାଯାଇଥିଲେ ମଧ୍ୟ ଭିତରେ ଭିତରେ ଗଭୀର ସଂଘର୍ଷ କରୁଥାଇପାରନ୍ତି। ଜଣେ ମା' ପରିବାରର ଦାୟିତ୍ୱ ନେଉଥିବା ସତ୍ତ୍ୱେ ଭିତରୁ ସମ୍ପୂର୍ଣ୍ଣ କ୍ଲାନ୍ତ ଏବଂ ଜୀବନ ପ୍ରତି ବିଚ୍ଛିନ୍ନ ଅନୁଭବ କରିପାରନ୍ତି। ଜଣେ ବ୍ୟବସାୟୀ ନିୟମିତ ଭାବେ ବୈଠକରେ ଯୋଗଦେଉଥିଲେ ମଧ୍ୟ ଏକାକୀ ସମୟରେ ନିରାଶା ଅନୁଭବ କରିପାରନ୍ତି। ଜଣେ ଛାତ୍ର ପାଠପଢ଼ା, ସାଙ୍ଗସାଥୀ କିମ୍ବା ନିଜ ପସନ୍ଦର କାମ ପ୍ରତି ଆଗ୍ରହ ହରାଇ ଧୀରେ ଧୀରେ ଏକାକୀ ରହିବାକୁ ଚାହିଁପାରନ୍ତି। ଏପରି ପରିବର୍ତ୍ତନକୁ ତୁରନ୍ତ ଅଳସୁଆପଣ କିମ୍ବା ଶୃଙ୍ଖଳାର ଅଭାବ ବୋଲି କହିଦେବା ଠିକ୍ ନୁହେଁ।

ଅବସାଦର ସାଧାରଣ ସତର୍କ ସଙ୍କେତ ମଧ୍ୟରେ ରହିଛି ଦୀର୍ଘ ସମୟ ଧରି ଦୁଃଖ କିମ୍ବା ଶୂନ୍ୟତା ଅନୁଭବ କରିବା, ପୂର୍ବରୁ ଆନନ୍ଦ ଦେଉଥିବା କାମ ପ୍ରତି ଆଗ୍ରହ ହରାଇବା, ଶକ୍ତି କମିଯିବା, ନିରାଶା କିମ୍ବା ନିଜକୁ ମୂଲ୍ୟହୀନ ମନେ କରିବା, ଅତ୍ୟଧିକ ଦୋଷବୋଧ, ଏକାଗ୍ରତା କିମ୍ବା ନିଷ୍ପତ୍ତି ନେବାରେ କଷ୍ଟ, ଭୋକ କିମ୍ବା ଓଜନରେ ପରିବର୍ତ୍ତନ, ଅଧିକ କିମ୍ବା କମ୍ ଶୋଇବା, କଥାବାର୍ତ୍ତା କିମ୍ବା ଚାଲିବାର ଗତି ଧୀର ହେବା, କୌଣସି ସ୍ପଷ୍ଟ କାରଣ ନଥିବା ଶାରୀରିକ ଅସୁବିଧା ଏବଂ ଲୋକମାନଙ୍କଠାରୁ ଦୂରେଇ ଯିବା। କେତେକ ଲୋକ ଜୀବନ ଅର୍ଥହୀନ ଲାଗିବା କିମ୍ବା ନିଜକୁ କ୍ଷତି କରିବାର ଚିନ୍ତା ମଧ୍ୟ କରିପାରନ୍ତି। ଏପରି ଚିନ୍ତାକୁ କେବେବି ଅଣଦେଖା କରିବା ଉଚିତ ନୁହେଁ।

## ଚିନ୍ତା ବା Anxiety କ'ଣ ?

ଚିନ୍ତା ଅବସାଦଠାରୁ ଭିନ୍ନ, ଯଦିଓ ଦୁଇଟି ସମସ୍ୟା ଏକାସାଙ୍ଗରେ ଥାଇପାରେ। ବିପଦ କିମ୍ବା ଅନିଶ୍ଚିତତା ଅନୁଭବ କଲେ ମନ ଓ ଶରୀରରେ ଯେଉଁ ପ୍ରତିକ୍ରିୟା ହୁଏ, ତାହା ହେଉଛି ଚିନ୍ତାର ଏକ ସ୍ୱାଭାବିକ ରୂପ। ଏକ ସୀମିତ ପରିମାଣର ଚିନ୍ତା ସ୍ୱାଭାବିକ ଏବଂ ଉପକାରୀ ମଧ୍ୟ ହୋଇପାରେ। ପରୀକ୍ଷା, ଚାକିରି ସାକ୍ଷାତକାର, ସାର୍ବଜନୀନ ଭାଷଣ କିମ୍ବା ଚିକିତ୍ସା ପ୍ରକ୍ରିୟା ପୂର୍ବରୁ ନର୍ଭସ୍ ଲାଗିବା ଆମକୁ ପ୍ରସ୍ତୁତ ହେବା ଓ ସତର୍କ ରହିବାରେ ସାହାଯ୍ୟ କରେ। ସମସ୍ୟା ସେତେବେଳେ ହୁଏ, ଯେତେବେଳେ ଭୟ ଓ ଚିନ୍ତା ଅତ୍ୟଧିକ, ଦୀର୍ଘସ୍ଥାୟୀ କିମ୍ବା ନିୟନ୍ତ୍ରଣ କରିବା କଷ୍ଟକର ହୋଇ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବା ଆରମ୍ଭ କରେ।

ଚିନ୍ତାଜନିତ ସମସ୍ୟାରେ ଥିବା ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ, ଟଙ୍କା, ପରିବାର, ଚାକିରି, ପାଠପଢ଼ା, ସମ୍ପର୍କ କିମ୍ବା ଭବିଷ୍ୟତକୁ ନେଇ ବାରମ୍ବାର ଚିନ୍ତା କରିପାରନ୍ତି। ମନରେ ସବୁବେଳେ ''ଯଦି ଏମିତି ହୋଇଯାଏ ?'' ପ୍ରଶ୍ନ ଚାଲିଥାଏ''ଯଦି କିଛି ଭୁଲ୍ ହୋଇଯାଏ ?'', ''ଯଦି ମୁଁ ବିଫଳ ହୁଏ ?'', ''ଯଦି ମୋ ପିଲା ଅସୁସ୍ଥ ହୋଇଯାଏ ?'', ''ଯଦି ଲୋକମାନେ ମୋତେ ବିଚାର କରନ୍ତି ?'', ''ଯଦି ମୁଁ ନିଜକୁ ନିୟନ୍ତ୍ରଣ କରିପାରିବିନି ?'' ଏପରି ଚିନ୍ତା ଚାଲିଥାଏ। ବ୍ୟକ୍ତି ନିଜେ ଜାଣିପାରନ୍ତି ଯେଭୟଟି ଅଧିକ ହୋଇଯାଇଛି, ତଥାପି ମନକୁ ଶାନ୍ତ କରିବା କଷ୍ଟକର ହୋଇପାରେ।

ଚିନ୍ତା କେବଳ ମନରେ ହେଉଥିବା ଅନୁଭୂତି ନୁହେଁ। ଏହା ଶରୀରରେ ମଧ୍ୟ ପ୍ରକୃତ ଲକ୍ଷଣ ସୃଷ୍ଟି କରିପାରେ। ହୃଦସ୍ପନ୍ଦନ ବଢ଼ିଯିବା, ହୃଦୟ ଜୋରରେ ଧଡ଼ଧଡ଼ କରିବା, ଝାଳ ବାହାରିବା, ହାତ କିମ୍ବା ଶରୀର ଥରିବା, ମାଂସପେଶୀରେ ଟାଣ, ଦ୍ରୁତ ଶ୍ୱାସ ନେବା, ଶ୍ୱାସକଷ୍ଟ, ମୁଣ୍ଡ ଘୂରିବା, ପେଟରେ ଅସୁବିଧା, ବାନ୍ତିଭାବ, ମୁଣ୍ଡବିନ୍ଧା, ନିଦରେ ସମସ୍ୟା କିମ୍ବା କିଛି ଭୟଙ୍କର ଘଟିବାକୁ ଯାଉଛି ବୋଲି ଅନୁଭବ ହୋଇପାରେ। Panic Attack ବା ଆତଙ୍କର ହଠାତ୍ ତୀବ୍ର ଆକ୍ରମଣ ସମୟରେ ହଠାତ୍ ଅତ୍ୟଧିକ ଭୟ ସହ ଅନେକ ଶାରୀରିକ ଲକ୍ଷଣ ଦେଖାଯାଇପାରେ। କେତେକ ଲକ୍ଷଣ ଅନ୍ୟ ଶାରୀରିକ ରୋଗର ଲକ୍ଷଣ ସହ ସମାନ ହୋଇପାରେ। ବିଶେଷକରି ନୂଆ କିମ୍ବା ଗୁରୁତର ଲକ୍ଷଣକୁ କେବଳ ''ଚିନ୍ତା'' ବୋଲି ଧରିନେବା ଉଚିତ ନୁହେଁ। ଆବଶ୍ୟକ ହେଲେ ଡାକ୍ତରୀ ପରୀକ୍ଷା ଦରକାର।

## ଅବସାଦ ଓ ଚିନ୍ତା ମଧ୍ୟରେ ପାର୍ଥକ୍ୟ କ'ଣ ?

ଏହି ଦୁଇଟିକୁ ବୁଝିବାର ଏକ ସହଜ ଉପାୟ ହେଉଛି ମନର ପ୍ରମୁଖ ଅନୁଭୂତିକୁ ଦେଖିବା। ଅବସାଦ ସାଧାରଣତଃ ଦୀର୍ଘସ୍ଥାୟୀ ଦୁଃଖ, ଶୂନ୍ୟତା, ନିରାଶା କିମ୍ବା ଆଗ୍ରହ ହରାଇବା ସହ ସମ୍ପର୍କିତ, ଯେତେବେଳେ ଚିନ୍ତା ସାଧାରଣତଃ ଅତ୍ୟଧିକ ଭୟ, ଚିନ୍ତା, ନର୍ଭସ୍ ଅନୁଭୂତି ଏବଂ ବିପଦ ଘଟିବାର ଆଶଙ୍କା ସହ ସମ୍ପର୍କିତ। ଅବସାଦରେ ମନ କହିପାରେ, ''କିଛି ବଦଳିବ ନାହିଁ,'' ଯେତେବେଳେ ଚିନ୍ତାରେ ମନ ବାରମ୍ବାର ପଚାରିପାରେ, ''ଯଦି କିଛି ଭୁଲ୍ ହୋଇଯାଏ ?'' ଅବସାଦ ଶକ୍ତି ଓ ଉତ୍ସାହ କମାଇଦେଇପାରେ, ଯେତେବେଳେ ଚିନ୍ତା ଅସ୍ଥିରତା, ଟେନସନ୍ ଏବଂ ମନକୁ ଶାନ୍ତ କରିପାରୁନଥିବା ଅନୁଭୂତି ସୃଷ୍ଟି କରିପାରେ।

ତଥାପି ଏହି ଦୁଇଟି ମଧ୍ୟରେ ଅନେକ ସମାନତା ରହିଛି। ଦୀର୍ଘ ସମୟ ଧରି ଚିନ୍ତା କରୁଥିବା ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ଭାବେ ଏତେ କ୍ଲାନ୍ତ ହୋଇପାରନ୍ତି ଯେ ପରେ ଅବସାଦର ଲକ୍ଷଣ ଦେଖାଯାଇପାରେ। ଅବସାଦରେ ଥିବା ଜଣେ ବ୍ୟକ୍ତି ଚାକିରି, ସମ୍ପର୍କ, ଟଙ୍କା କିମ୍ବା ଭବିଷ୍ୟତକୁ ନେଇ ଅଧିକ ଚିନ୍ତିତ ହୋଇପାରନ୍ତି। ଉଭୟ ସମସ୍ୟାରେ ନିଦରେ ଅସୁବିଧା, କ୍ଲାନ୍ତି, ରାଗ, ଏକାଗ୍ରତା କିମ୍ବା ଏବଂ ସାମାଜିକ ଭାବେ ଦୂରେଇଯିବା ଦେଖାଯାଇପାରେ। ତେଣୁ ସବୁବେଳେ ''ଏହା ଅବସାଦ ନା ଚିନ୍ତା ?'' ବୋଲି ଦୁଇଟି ମଧ୍ୟରୁ ଗୋଟିଏ ବାଛିବା ଆବଶ୍ୟକ ନୁହେଁ। କେତେକ ଲୋକ ଉଭୟ ସମସ୍ୟାର ଲକ୍ଷଣ ଏକାସାଙ୍ଗରେ ଅନୁଭବ କରିପାରନ୍ତି।

## ଅବସାଦ ଓ ଚିନ୍ତା କାହିଁକି ହୁଏ ?

ଏହାର ସାଧାରଣତଃ ଗୋଟିଏ ମାତ୍ର କାରଣ ନଥାଏ। ମାନସିକ ସ୍ୱାସ୍ଥ୍ୟ ଜୈବିକ, ମାନସିକ ଏବଂ ସାମାଜିକଏହି ସମସ୍ତ ଦିଗର ପ୍ରଭାବରେ ଗଢ଼ିଉଠେ। ଜେନେଟିକ୍ ପ୍ରଭାବ, ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ, ବ୍ୟକ୍ତିତ୍ୱ, ଦୀର୍ଘସ୍ଥାୟୀ ଚାପ, ମାନସିକ ଆଘାତ, ଏକାକୀପଣ, ସମ୍ପର୍କରେ ସମସ୍ୟା, ଆର୍ଥିକ ଚାପ, ଗୁରୁତର ରୋଗ, ଜୀବନର ବଡ଼ ପରିବର୍ତ୍ତନ ଏବଂ ମାଦକଦ୍ରବ୍ୟର ବ୍ୟବହାର ଭିନ୍ନ ଭିନ୍ନ ଭାବେ ଏଥିରେ ଭୂମିକା ନେଇପାରେ। କେତେକ ସମୟରେ କୌଣସି ବଡ଼ ଚାପ କିମ୍ବା ଘଟଣା ପରେ ଲକ୍ଷଣ ଦେଖାଯାଏ, ଆଉ କେତେକ ସମୟରେ ସ୍ପଷ୍ଟ କାରଣ ବିନା ମଧ୍ୟ ଲକ୍ଷଣ ଆରମ୍ଭ ହୋଇପାରେ।

ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ମାନସିକ ଅନୁଭୂତିକୁ ପ୍ରଭାବିତ କରିପାରେ। କେତେକ ଶାରୀରିକ ରୋଗ ଓ ଔଷଧର ପ୍ରଭାବରେ ଏପରି ଲକ୍ଷଣ ଦେଖାଯାଇପାରେ, ଯାହା ଅବସାଦ କିମ୍ବା ଚିନ୍ତା ସହ ସମାନ। ତେଣୁ କେବଳ ସୋସିଆଲ୍ ମିଡିଆ ପୋଷ୍ଟ କିମ୍ବା ଇଣ୍ଟରନେଟ୍‌ର ଏକ ଲକ୍ଷଣ ତାଲିକା ଦେଖି ନିଜେ ନିଜର ରୋଗ ନିର୍ଣ୍ଣୟ କରିବା ଠିକ୍ ନୁହେଁ। ଡାକ୍ତର କିମ୍ବା ଯୋଗ୍ୟ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶାରୀରିକ ସ୍ୱାସ୍ଥ୍ୟ, ଔଷଧ, ଜୀବନଶୈଳୀ, ଲକ୍ଷଣ ଏବଂ ସେଗୁଡ଼ିକ କେତେ ସମୟ ଧରି ରହିଛିସମସ୍ତ ଦିଗକୁ ବିଚାର କରିପାରିବେ।

## ନିଜର ସତର୍କ ସଙ୍କେତଗୁଡ଼ିକୁ ଚିହ୍ନନ୍ତୁ

ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ନିଜ ଭିତରେ ହେଉଥିବା ପରିବର୍ତ୍ତନକୁ ଚିହ୍ନିବାରୁ ଆରମ୍ଭ ହୁଏ। ନିଜକୁ ପଚାରନ୍ତୁମୋ ନିଦରେ ବଡ଼ ପରିବର୍ତ୍ତନ ହୋଇଛି କି ? ପୂର୍ବରୁ ଭଲ ଲାଗୁଥିବା କାମ ପ୍ରତି ମୁଁ ଆଗ୍ରହ ହରାଇଛି କି ? ମୁଁ ସବୁବେଳେ ଚିନ୍ତା କରୁଛି କି ? ମୁଁ ଲୋକ କିମ୍ବା କିଛି ପରିସ୍ଥିତିକୁ ଏଡ଼ାଇ ଚାଲୁଛି କି ? ବିଶ୍ରାମ କଲେ ମଧ୍ୟ ମୁଁ କ୍ଲାନ୍ତ ଲାଗୁଛି କି ? ଏକାଗ୍ର ହେବା କଷ୍ଟକର ହେଉଛି କି ? ମୋ ଭୋକ ବଦଳିଛି କି ? ସାଧାରଣ ଦୈନନ୍ଦିନ କାମଗୁଡ଼ିକ ହଠାତ୍ ବହୁତ ଭାରି ଲାଗୁଛି କି ?

ଏକ ସରଳ ଦୈନିକ ମାନସିକ ସ୍ୱାସ୍ଥ୍ୟ ଡାଏରୀ ରଖିବା ମଧ୍ୟ ଉପଯୋଗୀ ହୋଇପାରେ। କିଛି ସପ୍ତାହ ପାଇଁ ନିଜର ନିଦ, ଶକ୍ତି, ମନୋଭାବ, ଭୋକ, ମୁଖ୍ୟ ଚିନ୍ତା, ଶାରୀରିକ ଲକ୍ଷଣ ଏବଂ ଦିନର କାର୍ଯ୍ୟଗୁଡ଼ିକ ଲେଖି ରଖନ୍ତୁ। ଏହା ଦ୍ୱାରା ଧୀରେ ଧୀରେ କିଛି ପ୍ୟାଟର୍ନ ବା ଧାରା ଦେଖାଯାଇପାରେ। ଉଦାହରଣ ସ୍ୱରୂପ, କିଛି ରାତି ଭଲ ନିଦ ନହେଲେ ଚିନ୍ତା ବଢ଼ୁଛି କିମ୍ବା ବାହାରେ କିଛି ସମୟ ବିତାଇବା ଏବଂ ପରିବାର କିମ୍ବା ସାଙ୍ଗମାନଙ୍କ ସହ ସମୟ କାଟିବା ପରେ ମନ କିଛି ଭଲ ଲାଗୁଛି କିଏସବୁ ବୁଝିହେବ। ଡାକ୍ତର କିମ୍ବା ଥେରାପିଷ୍ଟଙ୍କ ସହ କଥା ହେବା ସମୟରେ ମଧ୍ୟ ଏହି ତଥ୍ୟ ଉପଯୋଗୀ ହୋଇପାରେ।

## ପ୍ରତିଦିନ ଆମେ କ'ଣ କରିପାରିବା ?

ପ୍ରଥମ ପଦକ୍ଷେପ ହେଉଛି ମାନସିକ ସ୍ୱାସ୍ଥ୍ୟକୁ ଶାରୀରିକ ସ୍ୱାସ୍ଥ୍ୟଠାରୁ ଅଲଗା ବୋଲି ନଭାବିବା। ମସ୍ତିଷ୍କ ମଧ୍ୟ ଶରୀରର ଏକ ଅଂଶ ଏବଂ ନିଦ, ଶାରୀରିକ କାର୍ଯ୍ୟକଳାପ, ଖାଦ୍ୟ, ସମ୍ପର୍କ, ଚାପ ଓ ଆମ ପରିବେଶ ମାନସିକ ସୁସ୍ଥତାକୁ ପ୍ରଭାବିତ କରେ। କିନ୍ତୁ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ସହାୟକ ପଦକ୍ଷେପ ଭାବେ ଦେଖିବା ଉଚିତଙ୍କ ଗୁରୁତର ମାନସିକ ସମସ୍ୟା ଥିଲେ ଏହାକୁ ବୃତ୍ତିଗତ ଚିକିତ୍ସାର ବିକଳ୍ପ ଭାବେ ଦେଖିବା ଉଚିତ ନୁହେଁ।

ନିୟମିତ ଶାରୀରିକ କାର୍ଯ୍ୟକଳାପ ମନକୁ ସୁସ୍ଥ ରଖିବାର ଏକ ସରଳ ଉପାୟ। ଏଥିପାଇଁ ଜିମ୍ ଯିବା ଆବଶ୍ୟକ ନୁହେଁ। ହାଲୁକା ବ୍ୟାୟାମ, ସାଇକେଲ୍ ଚଲାଇବା, ବଗିଚା କାମ, ନାଚ କିମ୍ବା ନିଜ ଶାରୀରିକ ସ୍ଥିତି ଅନୁଯାୟୀ ଅନ୍ୟ କୌଣସି କାର୍ଯ୍ୟ ଦୈନନ୍ଦିନ ଜୀବନରେ ନିୟମ ଆଣିପାରେ। ଅବସାଦରେ ଥିବା ଜଣେ ବ୍ୟକ୍ତିଙ୍କୁ ଆରମ୍ଭରେ ଦଶ ମିନିଟ୍ ହାଟିବା ମଧ୍ୟ କଷ୍ଟକର ଲାଗିପାରେ। ଏହା ସ୍ୱାଭାବିକ। ଲକ୍ଷ୍ୟ ହଠାତ୍ ଅତ୍ୟଧିକ ବ୍ୟାୟାମ କରିବା ନୁହେଁଙ୍କ ଛୋଟ ଏବଂ ସମ୍ଭବ ପଦକ୍ଷେପରୁ ଆରମ୍ଭ କରି ଧୀରେ ଧୀରେ ନିୟମିତତା ଆଣିବା ହେଉଛି ମୁଖ୍ୟ କଥା।

ନିଦ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଦରକାର। ପ୍ରତିଦିନ ପ୍ରାୟ ସମାନ ସମୟରେ ଶୋଇବା ଓ ଉଠିବା ଏକ ନିୟମିତ ରୁଟିନ୍ ସୃଷ୍ଟି କରିପାରେ। ରାତିରେ ଅତ୍ୟଧିକ ସମୟ ମୋବାଇଲ୍ କିମ୍ବା ସ୍କ୍ରିନ୍‌ରେ କାଟିବା, ଅନିୟମିତ ନିଦ ଏବଂ ମଦ୍ୟପାନ କିମ୍ବା ଅନ୍ୟ ପଦାର୍ଥକୁ ନିଦ ଆଣିବା ପାଇଁ ବ୍ୟବହାର କରିବା ସମସ୍ୟାକୁ ବଢ଼ାଇପାରେ। ଶୋଇବା ପୂର୍ବରୁ ଶାନ୍ତ ପରିବେଶ ସୃଷ୍ଟି କରିବା, ଅତ୍ୟଧିକ ଉତ୍ତେଜକ କାର୍ଯ୍ୟକୁ କମାଇବା ଏବଂ ଶରୀରକୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଉପକାରୀ ହୋଇପାରେ।

ଖାଦ୍ୟ ମଧ୍ୟ ଏହି ସମଗ୍ର ଚିତ୍ରର ଏକ ଅଂଶ। ପନିପରିବା, ଫଳ, ସମ୍ପୂର୍ଣ୍ଣ ଶସ୍ୟ, ଡାଲି, ପର୍ଯ୍ୟାପ୍ତ ପ୍ରୋଟିନ୍, ବାଦାମ କିମ୍ବା ମଞ୍ଜି ଏବଂ ଅନ୍ୟ ପୌଷ୍ଟିକ ଖାଦ୍ୟ ଥିବା ସନ୍ତୁଳିତ ଖାଦ୍ୟ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଉପକାରୀ। କେତେକ ଲୋକଙ୍କଠାରେ ଅଧିକ କଫିନ୍ ନର୍ଭସ୍ ଭାବ, ହୃଦସ୍ପନ୍ଦନ ଏବଂ ନିଦ ସମସ୍ୟା ବଢ଼ାଇପାରେ। ଅବସାଦ କିମ୍ବା ଚିନ୍ତାର ନିଜସ୍ୱ ଚିକିତ୍ସା ଭାବେ ମଦ୍ୟ କିମ୍ବା ମାଦକଦ୍ରବ୍ୟ ବ୍ୟବହାର କରିବା ଠିକ୍ ନୁହେଁ।

## ଶରୀରକୁ ଶାନ୍ତ କରନ୍ତୁ, ମନକୁ ସାହାଯ୍ୟ କରନ୍ତୁ

ଚିନ୍ତା ବଢ଼ିଲେ ଶରୀର ଏକ ପ୍ରକାର ସତର୍କ ଅବସ୍ଥାରେ ପ୍ରବେଶ କରିପାରେ। ସହଜ ଶ୍ୱାସ ଅଭ୍ୟାସ ଓ ରିଲାକ୍ସେସନ୍ ପ୍ରାକ୍ଟିସ୍ ଶରୀରର ଏହି ପ୍ରତିକ୍ରିୟାକୁ ଚିହ୍ନିବାରେ ସାହାଯ୍ୟ କରିପାରେ। ଆରାମରେ ବସନ୍ତୁ, କାନ୍ଧକୁ ଢିଲା ରଖନ୍ତୁ ଏବଂ ଜୋର ନଦେଇ ସ୍ୱାଭାବିକ ଭାବେ ଶ୍ୱାସ ନିଅନ୍ତୁ। ନିଜ ଶ୍ୱାସର ଗତି ପ୍ରତି ଧ୍ୟାନ ଦିଅନ୍ତୁ। ଉଦ୍ଦେଶ୍ୟ ଚିନ୍ତାକୁ ଜୋର କରି ତୁରନ୍ତ ଦୂର କରିବା ନୁହେଁ। କିଛି ସମୟ ପାଇଁ ଶରୀରକୁ ଶାନ୍ତ କରିବା ଏବଂ ଅନାବଶ୍ୟକ ଟେନସନ୍ କମାଇବା।

ମାଇଣ୍ଡଫୁଲନେସ୍, ଧ୍ୟାନ, ମାଂସପେଶୀକୁ କ୍ରମାଗତ ଭାବେ ଶିଥିଳ କରିବା ଭଳି ପ୍ରାକ୍ଟିସ୍ କେତେକ ଲୋକଙ୍କ ପାଇଁ ଉପକାରୀ ହୋଇପାରେ। ଏଗୁଡ଼ିକୁ ଆଉ ଏକ ''କାମ'' ଭାବେ ନେବା ଉଚିତ ନୁହେଁ, ଯାହାରେ ଆମକୁ ସଫଳ ହେବାକୁ ହିଁ ପଡ଼ିବ। କିଛି ମିନିଟ୍ ଶାନ୍ତ ଭାବେ ବସିବା, ଚିନ୍ତାଗୁଡ଼ିକୁ ତୁରନ୍ତ ପ୍ରତିକ୍ରିୟା ନଦେଇ ଦେଖିବା ଏବଂ ପୁଣି ବର୍ତ୍ତମାନ ସମୟକୁ ଧ୍ୟାନ ଫେରାଇ ଆଣିବା ମଧ୍ୟ ଏକ ଅଭ୍ୟାସ ହୋଇପାରେ।

## ଗୋଟିଏ ସମୟରେ ଗୋଟିଏ ଛୋଟ ପଦକ୍ଷେପ

ଅବସାଦ ଜଣେ ବ୍ୟକ୍ତିଙ୍କୁ ଏକ କଠିନ ଚକ୍ରରେ ପକାଇପାରେ। ମନ ଓ ଶରୀର କ୍ଲାନ୍ତ ଲାଗେ, ତେଣୁ ସେ କାମ କରିବା କମାଇଦିଅନ୍ତି। କାର୍ଯ୍ୟକଳାପ କମିଲେ ଆନନ୍ଦ, ସଫଳତା ଓ ଲୋକଙ୍କ ସହ ଯୋଗାଯୋଗର ସୁଯୋଗ ମଧ୍ୟ କମିଯାଏ, ଫଳରେ ମନ ଆହୁରି ଖରାପ ଲାଗିପାରେ। ଏହି ଚକ୍ରକୁ ଭାଙ୍ଗିବା ପାଇଁ ହଠାତ୍ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇବା ଆବଶ୍ୟକ ନାହିଁ।

ଯେଉଁ ବ୍ୟକ୍ତି ବାହାରକୁ ଯିବା ବନ୍ଦ କରିଦେଇଛନ୍ତି, ସେ ପ୍ରଥମେ ପାଞ୍ଚ ମିନିଟ୍ ବାଲକୋନିରେ ଠିଆ ହୋଇପାରନ୍ତି। ଯିଏ ସାଙ୍ଗମାନଙ୍କ ସହ କଥା ହେବା ବନ୍ଦ କରିଦେଇଛନ୍ତି, ସେ ଜଣେ ବିଶ୍ୱସ୍ତ ବନ୍ଧୁଙ୍କୁ ଗୋଟିଏ ମେସେଜ୍ ପଠାଇପାରନ୍ତି। ଯିଏ ପୂରା ଦିନର କାମ କରିବାକୁ ଭାବିଲେ ଭୟଭୀତ ହୋଇଯାଉଛନ୍ତି, ସେ କେବଳ ପରବର୍ତ୍ତୀ ଛୋଟ କାମଟି ଉପରେ ଧ୍ୟାନ ଦେଇପାରନ୍ତି। ଗାଧୋଇବା, ପରଦା ଖୋଲିବା, ଜଳଖିଆ ପ୍ରସ୍ତୁତ କରିବା, ଦଶ ମିନିଟ୍ ହାଟିବା କିମ୍ବା ଘରର ଗୋଟିଏ ଛୋଟ କାମ ସାରିବା ସାଧାରଣ ଦିନରେ ଛୋଟ ଲାଗିପାରେ, କିନ୍ତୁ ଅବସାଦ ସମୟରେ ଏହି ଛୋଟ ପଦକ୍ଷେପଗୁଡ଼ିକ ମଧ୍ୟ ଅର୍ଥପୂର୍ଣ୍ଣ ଅଗ୍ରଗତି ହୋଇପାରେ।

ଅର୍ଥପୂର୍ଣ୍ଣ କାର୍ଯ୍ୟକୁ ଧୀରେ ଧୀରେ ଜୀବନରେ ଫେରାଇ ଆଣିବା ମାନସିକ ଚିକିତ୍ସାର କେତେକ ପ୍ରକ୍ରିୟା ସହ ସମ୍ପର୍କିତ। ସରଳ କଥା ହେଉଛିମନ ପୂରା ଭଲ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ତା'ପରେ କାମ ଆରମ୍ଭ କରିବା ଆବଶ୍ୟକ ନାହିଁ। ବେଳେବେଳେ ଛୋଟ ଏବଂ ସମ୍ଭବ କାମ ପ୍ରଥମେ ଆରମ୍ଭ ହୁଏ, ଏବଂ ତା'ପରେ ଧୀରେ ଧୀରେ ଉତ୍ସାହ ଫେରିଆସେ।

## ଚିନ୍ତାଜନକ ଭାବନାକୁ ପ୍ରଶ୍ନ କରିବା ଶିଖନ୍ତୁ

ଚିନ୍ତା ବେଳେବେଳେ ସମ୍ଭାବନାକୁ ନିଶ୍ଚିତ ସତ୍ୟ ଭଳି ଦେଖାଇଥାଏ। ଧରନ୍ତୁ ଜଣେ ବ୍ୟକ୍ତି ନିଜ ବନ୍ଧୁଙ୍କୁ ମେସେଜ୍ କଲେ, କିନ୍ତୁ କିଛି ସମୟ ପର୍ଯ୍ୟନ୍ତ ଉତ୍ତର ଆସିଲା ନାହିଁ। ଚିନ୍ତାଗ୍ରସ୍ତ ମନ ତୁରନ୍ତ ଭାବିପାରେ, ''ସେ ମୋ ଉପରେ ରାଗିଛନ୍ତି,'' କିମ୍ବା ''ମୁଁ ନିଶ୍ଚୟ କିଛି ଭୁଲ୍ କରିଛି।'' ପ୍ରଥମ ଭାବନାକୁ ସତ୍ୟ ବୋଲି ଗ୍ରହଣ କରିବା ପୂର୍ବରୁ ନିଜକୁ ପଚାରନ୍ତୁ''ମୋ ପାଖରେ ଏହାର କ'ଣ ପ୍ରମାଣ ଅଛି ?'', ''ଏହାର ଅନ୍ୟ କୌଣସି କାରଣ ହୋଇପାରେ କି ?'', ''ମୋର ଜଣେ ବନ୍ଧୁ ଏହିଭଳି ଭାବୁଥିଲେ, ମୁଁ ତାଙ୍କୁ କ'ଣ କହିଥାନ୍ତି ?''

ଏହାର ଅର୍ଥ ସବୁକିଛି ଭଲ ବୋଲି ଜୋର କରି ଭାବିବା ନୁହେଁ। ଏହାର ଅର୍ଥ ହେଉଛି ''ସମ୍ଭାବନା'' ଏବଂ ''ନିଶ୍ଚିତ ସତ୍ୟ'' ମଧ୍ୟରେ ପାର୍ଥକ୍ୟ କରିବା ଶିଖିବା। **Cognitive Behavioural Therapy** ବା CBT ଏପରି ଚିନ୍ତା ଓ ବ୍ୟବହାରର ଧାରାକୁ ଚିହ୍ନିବା ଏବଂ ଅଧିକ ସନ୍ତୁଳିତ ପ୍ରତିକ୍ରିୟା ଗଢ଼ିବାରେ ସାହାଯ୍ୟ କରେ। CBT ଅବସାଦ ଏବଂ ବିଭିନ୍ନ ପ୍ରକାର ଚିନ୍ତାଜନିତ ସମସ୍ୟା ପାଇଁ ପ୍ରମାଣଭିତ୍ତିକ ମନୋଚିକିତ୍ସା ପଦ୍ଧତି ଭାବେ ବ୍ୟବହୃତ ହୁଏ।

## ଏଡ଼ାଇ ଚାଲିବାକୁ ନିଜ ଜୀବନର ନିୟମ ହେବାକୁ ଦିଅନ୍ତୁ ନାହିଁ

କୌଣସି ଭୟଙ୍କର ପରିସ୍ଥିତିକୁ ଏଡ଼ାଇଲେ ତୁରନ୍ତ କିଛି ସମୟ ପାଇଁ ଆରାମ ମିଳିପାରେ, କିନ୍ତୁ ଦୀର୍ଘ ସମୟରେ ଏହା ଭୟକୁ ଆହୁରି ଶକ୍ତିଶାଳୀ କରିପାରେ। ସାମାଜିକ ପରିସ୍ଥିତିକୁ ଭୟ କରୁଥିବା ଜଣେ ବ୍ୟକ୍ତି ଲୋକଙ୍କ ସହ ମିଶିବା ବନ୍ଦ କରିପାରନ୍ତି। ଯାତ୍ରାକୁ ନେଇ ଭୟ ଥିବା ବ୍ୟକ୍ତି ସମସ୍ତ ଯାତ୍ରା ଏଡ଼ାଇପାରନ୍ତି। ପରୀକ୍ଷାକୁ ନେଇ ଭୟ ଥିବା ଜଣେ ଛାତ୍ର ବହି ଖୋଲିବାକୁ ମଧ୍ୟ ଏଡ଼ାଇପାରନ୍ତି। ଏହା ତୁରନ୍ତ ଚିନ୍ତା କମାଇପାରେ, କିନ୍ତୁ ମନ ଧୀରେ ଧୀରେ ଶିଖିପାରେ ଯେ ''ଏଡ଼ାଇବା ମୋତେ ସୁରକ୍ଷିତ ରଖିଲା'', ଯାହା ପରବର୍ତ୍ତୀ ସମୟରେ ଭୟକୁ ଆହୁରି ବଢ଼ାଇପାରେ। ମନୋଚିକିତ୍ସାରେ ଯୋଗ୍ୟ ବିଶେଷଜ୍ଞଙ୍କ ନିର୍ଦ୍ଦେଶରେ ଭୟ ସୃଷ୍ଟି କରୁଥିବା ପରିସ୍ଥିତିକୁ ଧୀରେ ଧୀରେ ସାମ୍ନା କରିବାର ପଦ୍ଧତି ବ୍ୟବହାର କରାଯାଇପାରେ। ଏହାର ଅର୍ଥ କାହାକୁ ହଠାତ୍ ଏକ ଅତ୍ୟଧିକ ଭୟଙ୍କର କିମ୍ବା ଅସୁରକ୍ଷିତ ପରିସ୍ଥିତିକୁ ଠେଲିଦେବା ନୁହେଁ। ବରଂ ଯଥାଯଥ ପେଶାଦାର ସହାୟତାରେ ଜଣେ ବ୍ୟକ୍ତି ଧୀରେ ଧୀରେ ନିଜ ଭୟକୁ ସାମ୍ନା କରିବା, ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଚିନ୍ତା ଆସିଲେ ମଧ୍ୟ ତାହା ଜୀବନର ପ୍ରତ୍ୟେକ ନିଷ୍ପତ୍ତିକୁ ନିୟନ୍ତ୍ରଣ ନକରିବା ଶିଖିପାରନ୍ତି।

## ମାନବୀୟ ସମ୍ପର୍କର ଗୁରୁତ୍ୱ

ଅବସାଦ କିମ୍ବା ଚିନ୍ତାରେ ଥିବା ଜଣେ ବ୍ୟକ୍ତିଙ୍କୁ ଆମେ ଦେଇପାରୁଥିବା ଅନେକ ମୂଲ୍ୟବାନ ଜିନିଷ ମଧ୍ୟରୁ ଗୋଟିଏ ହେଉଛି ଉପଦେଶ ନୁହେଁ, ବରଂ ଏକ ନିରାପଦ ଆଲୋଚନା। ''ତୁମ ପାଖରେ ସବୁକିଛି ଅଛି, ତାହାହେଲେ ତୁମେ କାହିଁକି ଅବସାଦରେ ?'' ବୋଲି ପଚାରିବା ପରିବର୍ତ୍ତେ ''ମୁଁ ବୁଝୁଛି ତୁମେ କଷ୍ଟରେ ଅଛ। ମୁଁ ତୁମ କଥା ଶୁଣିବାକୁ ଅଛି'' ବୋଲି କହିବା ଅଧିକ ସହାୟକ ହୋଇପାରେ। ''ଅଧିକ ଭାବିବା ବନ୍ଦ କର'' ବୋଲି କହିବା ପରିବର୍ତ୍ତେ ''ତୁମକୁ ସବୁଠାରୁ ଅଧିକ କ'ଣ ଚିନ୍ତା ଦେଉଛି ?'' ବୋଲି ପଚାରନ୍ତୁ।

ଜଣେ ବ୍ୟକ୍ତିଙ୍କୁ ନିଜର ମାନସିକ ସମସ୍ୟା ବିଷୟରେ ସମସ୍ତଙ୍କୁ କହିବା ଆବଶ୍ୟକ ନାହିଁ। ଜଣେ ବିଶ୍ୱସ୍ତ ପରିବାର ସଦସ୍ୟ, ବନ୍ଧୁ, ଶିକ୍ଷକ, ସହକର୍ମୀ, ଡାକ୍ତର, କାଉନସେଲର କିମ୍ବା ଥେରାପିଷ୍ଟଙ୍କ ସହ କଥା ହେବା ମଧ୍ୟ ଏକ ଭଲ ଆରମ୍ଭ ହୋଇପାରେ। ଏକାକୀପଣ ଉଭୟ ଅବସାଦ ଓ ଚିନ୍ତାକୁ ଆହୁରି କଷ୍ଟକର କରିପାରେ, ଯେତେବେଳେ ସୁସ୍ଥ ସମ୍ପର୍କ ଭାବନାତ୍ମକ ସଂଯୋଗ, ଉତ୍ସାହ ଏବଂ ବ୍ୟବହାରିକ ସହାୟତା ଦେଇପାରେ।

## କେବେ ବୃତ୍ତିଗତ ସହାୟତା ନେବା ଉଚିତ ?

ବୃତ୍ତିଗତ ସହାୟତା ନେବାକୁ ଶେଷ ପଦକ୍ଷେପ ବୋଲି ଭାବିବା ଉଚିତ ନୁହେଁ। ଯଦି ଲକ୍ଷଣ ଦୀର୍ଘ ସମୟ ଧରି ରହୁଛି, ଗୁରୁତର ହେଉଛି, ପାଠପଢ଼ା କିମ୍ବା କାମକୁ ପ୍ରଭାବିତ କରୁଛି, ସମ୍ପର୍କରେ ସମସ୍ୟା ଆଣୁଛି, ନିଦ ଓ ଭୋକକୁ ଗୁରୁତର ଭାବେ ପ୍ରଭାବିତ କରୁଛି କିମ୍ବା ସାଧାରଣ ଦୈନନ୍ଦିନ ଦାୟିତ୍ୱ ନିର୍ବାହ କରିବା ଅଧିକ କଷ୍ଟକର ହୋଇଯାଉଛି, ତେବେ ଯୋଗ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ। ଜଣେ ବ୍ୟକ୍ତି ପ୍ରଥମେ ଡାକ୍ତର, କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ସାଇକିଆଟ୍ରିଷ୍ଟ କିମ୍ବା ଅନ୍ୟ ଯୋଗ୍ୟ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ କଥା ହୋଇପାରନ୍ତି।

ଚିକିତ୍ସା ବ୍ୟକ୍ତିର ଅବସ୍ଥା ଓ ଆବଶ୍ୟକତା ଉପରେ ନିର୍ଭର କରେ। CBT ଭଳି ମନୋଚିକିତ୍ସା ଏବଂ ଅନ୍ୟ ପ୍ରମାଣଭିତ୍ତିକ ଥେରାପି ଉପକାରୀ ହୋଇପାରେ। କେତେକ ପରିସ୍ଥିତିରେ ଡାକ୍ତର ଔଷଧ ପରାମର୍ଶ ଦେଇପାରନ୍ତି, ଯାହା କେବଳ ଔଷଧ ଭାବେ କିମ୍ବା ମନୋଚିକିତ୍ସା ସହିତ ଦିଆଯାଇପାରେ। ଡାକ୍ତରଙ୍କ ପରାମର୍ଶ ବିନା ମାନସିକ ସ୍ୱାସ୍ଥ୍ୟର ଔଷଧ ଆରମ୍ଭ, ବନ୍ଦ କିମ୍ବା ଡୋଜ୍ ପରିବର୍ତ୍ତନ କରିବା ଉଚିତ ନୁହେଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକା ପ୍ରକାରର ଚିକିତ୍ସା ଠିକ୍ ହୋଇନଥାଏଙ୍କ ତେଣୁ ଯଥାଯଥ ମୂଲ୍ୟାଙ୍କନ ଗୁରୁତ୍ୱପୂର୍ଣ୍ଣ।

## ପରିବାରର ଜଣେ ସଦସ୍ୟଙ୍କୁ କିପରି ସହାୟତା କରିବେ ?

ପରିବାର ଜଣେ ବ୍ୟକ୍ତିଙ୍କ ସୁସ୍ଥ ହେବାର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ଅବସାଦ ଓ ଚିନ୍ତାକୁ ନୈତିକ ବିଫଳତା ବୋଲି ଦେଖିବା ଉଚିତ ନୁହେଁ। କାହାକୁ ''ଅଳସୁଆ'', ''ଦୁର୍ବଳ'', ''ନାଟକ କରୁଛ'' କିମ୍ବା ''ସମସ୍ତଙ୍କ ଧ୍ୟାନ ଚାହୁଁଛ'' ବୋଲି କହିବା ଲଜ୍ଜା ଓ ଅପରାଧବୋଧ ବଢ଼ାଇପାରେ ଏବଂ ସେ ବ୍ୟକ୍ତି ସହାୟତା ନେବାରୁ ଆହୁରି ଦୂରେଇଯାଇପାରନ୍ତି। ତଥାପି ସହାୟତାର ଅର୍ଥ ସମସ୍ତ ଦାୟିତ୍ୱ ତାଙ୍କଠାରୁ ନେଇନେବା ନୁହେଁ। ବରଂ ଧୀରେ ଧୀରେ ଏବଂ ସୁରକ୍ଷିତ ଭାବରେ ନିଜ ଜୀବନକୁ ପୁଣି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା।

ପରିବାରର ଜଣେ ସଦସ୍ୟ ଡାକ୍ତରଙ୍କ ପାଖକୁ ଯିବାବେଳେ ସାଙ୍ଗରେ ଯାଇପାରନ୍ତି, ଦୈନନ୍ଦିନ ରୁଟିନ୍ ବଜାୟ ରଖିବାରେ ସାହାଯ୍ୟ କରିପାରନ୍ତି, କିଛି ସମୟ ହାଟିବାକୁ ଉତ୍ସାହିତ କରିପାରନ୍ତି, ସୁସ୍ଥ ଖାଦ୍ୟ ପ୍ରସ୍ତୁତ କରିପାରନ୍ତି, ବିଚାର ନକରି କଥା ଶୁଣିପାରନ୍ତି କିମ୍ବା କେବଳ ପାଖରେ ଚୁପ୍‌ଚାପ୍ ବସିପାରନ୍ତି। ବେଳେବେଳେ କେବଳ ପାଖରେ ରହିବା ମଧ୍ୟ ଏକ ବଡ଼ ବାର୍ତ୍ତା ଦେଇଥାଏ ''ତୁମକୁ ଏହା ଏକାକୀ ସାମ୍ନା କରିବାକୁ ପଡ଼ିବ ନାହିଁ।''

## ଶିଶୁ ଓ କିଶୋରମାନଙ୍କ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ

ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଶିଶୁ ଓ କିଶୋରମାନଙ୍କୁ ମଧ୍ୟ ପ୍ରଭାବିତ କରିପାରେ। ଯୁବମାନେ ସବୁବେଳେ ନିଜର ଅନୁଭୂତିକୁ ଶବ୍ଦରେ ବ୍ୟକ୍ତ କରିପାରନ୍ତି ନାହିଁ। ତେଣୁ ଚିନ୍ତା କିମ୍ବା ଅବସାଦ ବେଳେବେଳେ ରାଗ, ଏକାକୀ ରହିବା, ପାଠପଢ଼ାରେ ଅବନତି, ନିଦ କିମ୍ବା ଭୋକରେ ପରିବର୍ତ୍ତନ, ଆଗ୍ରହ କମିଯିବା, ଅତ୍ୟଧିକ ଭୟ, ବାରମ୍ବାର ଶାରୀରିକ ଅସୁବିଧାର ଅଭିଯୋଗ କିମ୍ବା ହଠାତ୍ ବ୍ୟବହାରରେ ପରିବର୍ତ୍ତନ ଭାବେ ଦେଖାଯାଇପାରେ। ଅଭିଭାବକମାନେ ଗୋଟିଏ ଖରାପ ଦିନ ଦେଖି ନିଷ୍ପତ୍ତି ନନେଇ ଦୀର୍ଘ ସମୟ ଧରି ହେଉଥିବା ପରିବର୍ତ୍ତନକୁ ଦେଖିବା ଉଚିତ। ଜଣେ କିଶୋର ଯଦି ହଠାତ୍ ଅତ୍ୟଧିକ ଚୁପ୍ ହୋଇଯାଏ କିମ୍ବା ମାନସିକ ଭାବେ ବିଚଳିତ ଲାଗେ, ତେବେ ତୁରନ୍ତ ଗାଳି ଦେବା ପରିବର୍ତ୍ତେ ଶାନ୍ତ ଭାବେ କଥା ହେବା ଆବଶ୍ୟକ। ଚିନ୍ତା ଜାରି ରହିଲେ ଯୋଗ୍ୟ ବିଶେଷଜ୍ଞଙ୍କ ମୂଲ୍ୟାଙ୍କନ ଉପଯୋଗୀ ହୋଇପାରେ।

## ଅବସାଦ ଓ ଚିନ୍ତାର ଚିକିତ୍ସା ସମ୍ଭବ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛିଅବସାଦ ଓ ଚିନ୍ତା କୌଣସି ବ୍ୟକ୍ତିର ସ୍ଥାୟୀ ପରିଚୟ ନୁହେଁ। କେହି ଅବସାଦ ଅନୁଭବ କରୁଛନ୍ତି ବୋଲି ସେ ସବୁବେଳେ ''ଅବସାଦଗ୍ରସ୍ତ ବ୍ୟକ୍ତି'' ହୋଇ ରହିବେ ନାହିଁ। ସେହିପରି ଚିନ୍ତାର ସମସ୍ୟା ଥିବା ବ୍ୟକ୍ତି ମଧ୍ୟ ସାରା ଜୀବନ ଚିନ୍ତାରେ ରହିବେ ବୋଲି ନୁହେଁ। ସୁସ୍ଥ ହେବାକୁ ସମୟ ଲାଗିପାରେ ଏବଂ ମଝିରେ ଭଲ ଦିନ ସହ କଷ୍ଟକର ଦିନ ମଧ୍ୟ ଆସିପାରେ। କିନ୍ତୁ ଉପଯୁକ୍ତ ଚିକିତ୍ସା ଓ ସହାୟତା ଉପଲବ୍ଧ ଅଛି।

ସୁସ୍ଥ ହେବାର ଅର୍ଥ ଏହା ନୁହେଁ ଯେ ଜଣେ ବ୍ୟକ୍ତି ଆଉ କେବେ ଦୁଃଖ, ଭୟ କିମ୍ବା ଚାପ ଅନୁଭବ କରିବେ ନାହିଁ। ଏଗୁଡ଼ିକ ଜୀବନର ସ୍ୱାଭାବିକ ଭାବନା। ଲକ୍ଷ୍ୟ ହେଉଛି ଏହି ଭାବନାଗୁଡ଼ିକ ଏତେ ତୀବ୍ର, ଦୀର୍ଘସ୍ଥାୟୀ କିମ୍ବା ଅନିୟନ୍ତ୍ରିତ ନହେଉ, ଯେପରି ସେଗୁଡ଼ିକ ସମଗ୍ର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରଣ କରିଦିଏ। ଯଥାଯଥ ସହାୟତା ମିଳିଲେ ଲୋକମାନେ କଠିନ ଚିନ୍ତା ଓ ଭାବନାକୁ ସୁସ୍ଥ ଭାବରେ ସମ୍ଭାଳିବା, ନିଜର ଦୈନନ୍ଦିନ ରୁଟିନ୍ ପୁଣି ଗଢ଼ିବା, ଲୋକମାନଙ୍କ ସହ ସମ୍ପର୍କ ପୁଣି ଯୋଡ଼ିବା ଏବଂ ଜୀବନର ଅର୍ଥପୂର୍ଣ୍ଣ କାମକୁ ଫେରିବା ଶିଖିପାରନ୍ତି।

## ଏକ କଥା ଆମ ସମସ୍ତଙ୍କ ପାଇଁ

ମାନସିକ ସ୍ୱାସ୍ଥ୍ୟକୁ ଶାରୀରିକ ସ୍ୱାସ୍ଥ୍ୟ ଭଳି ସମାନ ଗୁରୁତ୍ୱ ଦେବା ଦରକାର। ଗୋଡ଼ ଭାଙ୍ଗିଥିବା ଜଣେ ବ୍ୟକ୍ତିଙ୍କୁ ଆମେ କେବଳ ''ସାଧାରଣ ଭାବେ ଚାଲ'' ବୋଲି କହିବା ନାହିଁ। ସେହିପରି ଗୁରୁତର ମାନସିକ ଚାପରେ ଥିବା ଜଣେ ବ୍ୟକ୍ତିଙ୍କୁ କେବଳ ''ଭଲ ଭାବ'' କିମ୍ବା ''ସକାରାତ୍ମକ ଚିନ୍ତା କର'' ବୋଲି କହିଦେବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଉତ୍ସାହ ନିଶ୍ଚିତ ଭାବେ ଦରକାର, କିନ୍ତୁ ଏହା ସହିତ ବୁଝାମଣା ଓ ଆବଶ୍ୟକ ଚିକିତ୍ସା ମଧ୍ୟ ଦରକାର।

ବେଳେବେଳେ ସୁସ୍ଥ ହେବାର ଯାତ୍ରା ଗୋଟିଏ ଛୋଟ ବାକ୍ୟରୁ ଆରମ୍ଭ ହୁଏ''ମୁଁ ଭଲ ଅନୁଭବ କରୁନାହିଁ।'' ତା'ପରେ ଆଉ ଗୋଟିଏ ବାକ୍ୟ ଆସିପାରେ''ମୋତେ ଲାଗୁଛି ମୋର ସହାୟତା ଦରକାର।'' ଏହି କଥା କହିବା ପାଇଁ ସାହସ ଦରକାର। ସହାୟତା ମାଗିବା ଦୁର୍ବଳତା, ବିଫଳତା କିମ୍ବା ଆତ୍ମବିଶ୍ୱାସର ଅଭାବ ନୁହେଁ। ଏହା ନିଜ ଯତ୍ନ ନେବାର ଏକ ପଦକ୍ଷେପ। ଅବସାଦ ବେଳେବେଳେ ଅତୀତକୁ ଅତ୍ୟଧିକ ଭାରି କରିଦିଏ, ଯେତେବେଳେ ଚିନ୍ତା ଭବିଷ୍ୟତକୁ ଭୟଙ୍କର ଭାବେ ଦେଖାଇପାରେ। ସୁସ୍ଥ ହେବାର ଯାତ୍ରା ବର୍ତ୍ତମାନକୁ ଫେରିଆସିବା ଏବଂ ଗୋଟିଏ ସମୟରେ ଗୋଟିଏ ଉପଯୁକ୍ତ ପଦକ୍ଷେପ ନେବାରୁ ଆରମ୍ଭ ହୁଏ। ସତର୍କ ସଙ୍କେତକୁ ଚିହ୍ନନ୍ତୁ, ଲଜ୍ଜା ନକରି କଥା ହୁଅନ୍ତୁ, ବିଚାର ନକରି ସହାୟତା କରନ୍ତୁ, ସୁସ୍ଥ ଦୈନନ୍ଦିନ ଅଭ୍ୟାସ ଗଢ଼ନ୍ତୁ ଏବଂ ଆବଶ୍ୟକ ହେଲେ ଯୋଗ୍ୟ ବିଶେଷଜ୍ଞଙ୍କ ସହାୟତା ନିଅନ୍ତୁ। ଅସୁସ୍ଥ ମନକୁ ସମାଲୋଚନା ନୁହେଁ। ଦରକାର ବୁଝାମଣା, ଯଥାଯଥ ଯତ୍ନ ଏବଂ ସବୁଠାରୁ ବଡ଼ କଥାଆଶା।

ଅସ୍ୱୀକାରୋକ୍ତି: ଏହି ଲେଖାଟି ସାଧାରଣ ସ୍ୱାସ୍ଥ୍ୟ ଶିକ୍ଷା ଓ ଜନସଚେତନତା ପାଇଁ ଲେଖାଯାଇଛି। ଏହା କୌଣସି ରୋଗ ନିର୍ଣ୍ଣୟ, କାଉନସେଲିଂ, ମନୋଚିକିତ୍ସା, ଡାକ୍ତରୀ ପରୀକ୍ଷା କିମ୍ବା ଯୋଗ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିକିତ୍ସାର ବିକଳ୍ପ ନୁହେଁ। ଦୀର୍ଘସ୍ଥାୟୀ ଦୁଃଖ, ଅତ୍ୟଧିକ ଚିନ୍ତା, ନିଦ କିମ୍ବା ଭୋକରେ ପରିବର୍ତ୍ତନ, ଗୁରୁତର ମାନସିକ ଚାପ କିମ୍ବା ବ୍ୟବହାରରେ ବଡ଼ ପରିବର୍ତ୍ତନ ଦେଖାଦେଲେ ଯୋଗ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। କେତେକ ଲକ୍ଷଣ ଶାରୀରିକ ରୋଗ, ଔଷଧ କିମ୍ବା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମଧ୍ୟ ହୋଇପାରେ। ତେଣୁ ନିଜେ ନିଜର ରୋଗ ନିର୍ଣ୍ଣୟ କରନ୍ତୁ ନାହିଁ। ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା କିମ୍ବା ନିଜକୁ କ୍ଷତି କରିବାର ଚିନ୍ତା କରୁଛନ୍ତି, ନିଜକୁ ସୁରକ୍ଷିତ ରଖିପାରୁନାହାନ୍ତି କିମ୍ବା ତୁରନ୍ତ ବିପଦରେ ଅଛନ୍ତି, ତେବେ ବିଳମ୍ବ ନକରି ଜରୁରୀ ଚିକିତ୍ସା କିମ୍ବା ମାନସିକ ସ୍ୱାସ୍ଥ୍ୟ ସହାୟତା ନିଅନ୍ତୁ। ଭାରତରେ Tele-MANAS ମାଧ୍ୟମରେ ୨୪ ଘଣ୍ଟିଆ ମାନସିକ ସ୍ୱାସ୍ଥ୍ୟ ସହାୟତା ୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ ନମ୍ବରରେ ଉପଲବ୍ଧ।

ରବିବାର ୨୭।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଅସ୍ଥାୟୀ ପୋଲ: ମାଟି ଧୋଇ ଯାତାୟତ ବନ୍ଦ



ନନ୍ଦପୁର, ୨୬।୯ (ଶ୍ରୀରାମ ଖରା): ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଦୋରାସୁବଲା ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ବ୍ରିଜ ନିକଟରେ ଥିବା ଅସ୍ଥାୟୀ ପୋଲର ମାଟି ଧୋଇଯାଇଥିବାରୁ ଫଳରେ ପୋଲଟି ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତାରେ ବଡ଼ ଯାନବାହନ ଚଳାଚଳ ପ୍ରାୟ ବନ୍ଦ ହୋଇଯାଇଛି। ଫଳରେ ଉଭୟ ପାର୍ଶ୍ୱରେ ବହୁ ଭାରୀ ଯାନ ଅଟକି ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଲଗାଣ ବର୍ଷାର ପ୍ରଭାବ ପାଣ୍ଡୁଆ ପଞ୍ଚାୟତ ଗେମେଲପୁଟ ଗାଁରେ ମଧ୍ୟ ଦେଖିବାକୁ ମିଳିଛି। ବର୍ଷାଜଳ ଭିତରକୁ ପଶିଯାଉଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

# କେସିଙ୍ଗା NAC ୧୦ ନମ୍ବର ୱାର୍ଡ ଏବେ ମରଣଯନ୍ତା !

## ଡ୍ରେନେଜ୍ ବ୍ୟବସ୍ଥା ନାହିଁ, ବର୍ଷା ହେଲେ ରାସ୍ତାରେ ପାଣି, ଜନସାଧାରଣ ହନ୍ତସନ୍ତ



କେସିଙ୍ଗା, ୨୬।୯ (ଅକ୍ଷରଓଡ଼ିଶା): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସିର ୧୦ ନମ୍ବର ୱାର୍ଡରେ ମୌଳିକ ନାଗରିକ ସୁବିଧାର ଅଭାବ ଏବେ ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ବିଶେଷକରି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟାତ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ବର୍ଷା ଦିନରେ ରାସ୍ତାର ଅବସ୍ଥା ଏପରି ହେଉଛି ଯେ, ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ସହିତ ପାଦଚାରୀମାନେ ମଧ୍ୟ ଯାତାୟାତ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଜମିବା ସହ କାଦୁଅ ଓ ଖାଲଖମା ଯୋଗୁଁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। କାଉନସିଲର ଥାଇ ମଧ୍ୟ ସମସ୍ୟା ସମାଧାନ ହେଉନି କାହିଁକି?

୧୦ ନମ୍ବର ୱାର୍ଡର ଲୋକମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଡ୍ରେନେଜ୍ ଓ ରାସ୍ତା ସମସ୍ୟାର ସମାଧାନ ପାଇଁ ଦାବି ହେଉଥିବା କୁହାଯାଉଛି। ତଥାପି ସ୍ଥାୟୀ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ୱାର୍ଡରେ ନିର୍ବାଚିତ କାଉନସିଲର ଥିବା ସତ୍ତ୍ୱେ ସମସ୍ୟାର ସମାଧାନ କାହିଁକି ହୋଇପାରୁନାହିଁ ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଏହା କାଉନସିଲରଙ୍କ ଅବହେଳା ନା ଘଇଡ଼ ପ୍ରଶାସନର ଅବହେଳା, ତାହା ସ୍ପଷ୍ଟ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। କାହା ଅପେକ୍ଷାରେ ଘଇଡ଼ ପ୍ରଶାସନ? ସହରରେ ନିୟମିତ ଭାବେ ନାଗରିକଙ୍କଠାରୁ ବିଭିନ୍ନ ପ୍ରକାର ଟିକସ ଓ ରାଜସ୍ୱ ଆଦାୟ ହେଉଥିବା ବେଳେ ମୌଳିକ ଡ୍ରେନେଜ୍ ବ୍ୟବସ୍ଥା ଯୋଗାଇବାରେ ପ୍ରଶାସନ କାହିଁକି ବିଫଳ ଏହି ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ଏନେଇ ଜୋରଦାର ଆଲୋଚନା ଚାଲିଛି। ବର୍ଷା ଆସିଲେ ପ୍ରତିବର୍ଷ ସମାନ ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା ନକରି ଲୋକଙ୍କୁ ଏଭଳି ଦୁର୍ଦ୍ଦଶା ମଧ୍ୟରେ ରଖିବା କେତେଦୂର ଯୁକ୍ତିସଙ୍ଗତ, ତାହା ନେଇ ପ୍ରଶ୍ନ ଉଠିଛି। ତୁରନ୍ତ ହସ୍ତକ୍ଷେପ ଦାବି: ୧୦ ନମ୍ବର ୱାର୍ଡର ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ, ଜଳ ନିଷ୍କାସନ ବ୍ୟବସ୍ଥା ଓ ରାସ୍ତାର ଆବଶ୍ୟକ ମରାମତି ପାଇଁ ଘଇଡ଼ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ଏହି ସମସ୍ୟା କାହିଁକି ଦୀର୍ଘଦିନ ଧରି ସମାଧାନ ହୋଇନାହିଁ, ତାହାର ମଧ୍ୟ ଜବାବଦେହିତା ନିର୍ଦ୍ଧାରଣ ହେବା ଆବଶ୍ୟକ ବୋଲି ଦାବି ହେଉଛି। ଲୋକଙ୍କ ମୌଳିକ ସୁବିଧା ନା ପ୍ରଶାସନିକ ଅବହେଳା? ୧୦ ନମ୍ବର ୱାର୍ଡରେ ଏହି ସମସ୍ୟାର ସମାଧାନ କେବେ? ଏବେ ନଜର ଘଇଡ଼ ପ୍ରଶାସନ ଉପରେ।

# କୋରାପୁଟରେ ବର୍ଷାର କରାଳ ରୂପ

## ୩୬୭୪ ଲୋକ ଆଶ୍ରୟସ୍ଥଳୀରେ, ୧୫୬ କଚ୍ଚା ଘର ଭାଙ୍ଗିଲା, ଜଳମଗ୍ନ ଶହ ଶହ ଏକର ଚାଷ ଜମି





କୋରାପୁଟ, ୨୬।୯(ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲାରେ ବର୍ଷାର ତାଣ୍ଡବ। ତିନି ଦିନର ଲଗାଣ ବର୍ଷାରେ ବେହାଲ ଜନଜୀବନ। ଭାଙ୍ଗିଲା ୧୫୬ କଚ୍ଚା ଘର, ୩୬୭୪ ଜଣଙ୍କୁ ସ୍ଥାନାନ୍ତର କରାଗଲା।ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଗଭୀର ଅବପାତର ରୂପ ନେବା ପରେ କୋରାପୁଟ ଜିଲ୍ଲାରେ ଗତ ତିନି ଦିନ ଧରି ଲଗାଣ ବର୍ଷା ଜାରି ରହିଥିଲା।ଫଳରେ ଜିଲ୍ଲାର ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା।ବର୍ଷା ଯୋଗୁଁ ଜିଲ୍ଲାରେ ୧୫୬ଟି କଚ୍ଚା ଘର ଭାଙ୍ଗିଥିବା ବେଳେ ୨ଟି ଗୋରୁ ଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ବିଭିନ୍ନ ଆଶ୍ରୟସ୍ଥଳୀକୁ ୩୬୭୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।ବିପନ୍ନଙ୍କ ସହାୟତା ପାଇଁ ଜିଲ୍ଲାର ୩୨ଟି ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଶହ ଶହ ଏକର ଚାଷ ଜମି ଏବେ ଜଳମଗ୍ନ ହୋଇରହିଛି। ଚାଷୀଙ୍କ ଫସଲ କେତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି, ତାହାକୁ ନେଇ ଚିନ୍ତା ବଢ଼ିଛି। ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୨୬୪୯.୩ ମିଲିମିଟର ବର୍ଷା ରେକର୍ଡ ହୋଇଛି।ସେହିପରି ଆଜି ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୨୬୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୋରିଗୁମ୍ମା ବ୍ଲକରେ ସର୍ବାଧିକ ୩୦୭.୮ମିମି ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍‌ଲାର ବିଭିନ୍ନ ରାସ୍ତାରେ ମାଟି ଅତଡା ଖସିବା ଯୋଗୁଁ ଯାତାୟତରେ ବାଧା ସୃଷ୍ଟି ହୋଇଥଲା। ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ମାଟି ଅତଡା ସଫା କରିଥିବା ଜଣାପଡିଛି।

# ଲଗାଣ ବର୍ଷାରେ ବାମନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଜଳାର୍ଣ୍ଣବ



ବୋଲଗଡ, ୨୬।୯ (ଅକ୍ଷର ଓଡ଼ିଶା): ସ୍ୱାସ୍ଥ୍ୟ ହିଁ ସମ୍ପଦ ଅଟେ। ଶାରୀରିକ କ୍ରୀଡା ଶରୀରକୁ ସୁସ୍ଥ ରଖିଥାଏ। ସେଥିପାଇଁ ରାଜ୍ୟସରକାର ବିଭିନ୍ନ ପ୍ରକାରର କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ତଥା ମାନସିକ ବିକାଶ ପାଇଁ ଓ ଖେଳପଡ଼ିଆର ଉର୍ନ୍ନତି ନିମନ୍ତେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଉଅଛନ୍ତି ! ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଶିକ୍ଷା ବ୍ଲକସ୍ଥିତ ସରକାରୀ ପିଏମ ଶ୍ରୀ ବାମନ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆର ବିକାଶ ପାଇଁ ୨୦୨୦ ମସିହାରେ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗରୁ ୫ଲକ୍ଷ୍ୟ ଟଙ୍କା ଓ ୨୦୨୪ମସିହାରେ ନବୀନ ସରକାର ୫ଟି ଯୋଜନା ମାଧ୍ୟମରେ ୧୦ଲକ୍ଷ୍ୟ ଟଙ୍କା ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କି ଯେ ଏହି ଖେଳପଡିଆରେ ମାଟି ଗଣ୍ଡୁଏ ପଡ଼ିଲା ନାହିଁ। କେବଳ ଖେଳପଡ଼ିଆର ଚତୁଃପାର୍ଶ୍ୱରେ ସିମେଣ୍ଟ ଇଟା ବନ୍ଧକରି ରଙ୍ଗ ମାରି ଓ ଦର୍ଶକମାନଙ୍କ ନିମନ୍ତେ ୮ଟି ସିମେଣ୍ଟ ଚୌକି ନିର୍ମାଣ କରି ବ୍ଲକ କନିଷ୍ଠ ଯନ୍ତ୍ରୀ ସରକାରୀ ଆର୍ଥିକ ଅନୁଦାନକୁ ହଡ଼ପ କରି ମାଲେମାଲ ହୋଇଛନ୍ତି। ଫଳରେ ଖେଳପଡ଼ିଆ ସମତଳ ନ ଥିବାରୁ ବର୍ଷା ଜଳ ଜମି ରହୁଅଛି। ଏହି ଖେଳ ପଡ଼ିଆଟି ବ୍ଲକ ସଦରମହକୁମାର ମୁଖ୍ୟ ଖେଳପଡ଼ିଆ ହୋଇଥିବାରୁ ବିଭିନ୍ନ ସମୟରେ ନାନା ପ୍ରକାରର କ୍ରୀଡ଼ାପ୍ରତିଯୋଗିତା ମାନ କରାଯାଇଥାଏ । ନିମ୍ନମାନର ଖେଳ ପଡିଆ ନିର୍ମାଣ ହୋଉଥିବାରୁ ଓ ବର୍ଷା ଜଳ ଦୀର୍ଘ ଦିନ ଧରି ଜମି ରହୁଥିବାରୁ ଖେଳାଳିମାନେ ଓ ଛାତ୍ରଛାତ୍ରୀମାନେ କ୍ରୀଡା କସରତ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି ।

# ବୈତରଣୀ ନଦୀରେ ଦେଖାଦେଇଛି ସପ୍ତମ ବନ୍ୟା



ଯାଜପୁର, ୨୬।୯ (ଅକ୍ଷର ଓଡ଼ିଶା): ବିପଦ ସଂକେତ ଉପରେ ବୈତରଣୀ ନଦୀରେ ରହିଛି ଜଳସ୍ତର। ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ମି ଥିବା ବେଳେ ବର୍ତ୍ତମାନ ଏହା ୧୮.୬୬ମି ଉପରେ ପ୍ରବାହିତ ହେଉଛି। ବନ୍ୟା ଆସିବା ଫଳରେ ପୁଣି ଭାଙ୍ଗିଯାଇଛି ମରାମତି ହୋଇଥିବା ନଦୀବନ୍ଧ। ପୂର୍ବ ବନ୍ୟାରେ ଦଶରଥପୁର ବ୍ଲକ ତରପଦା ପଂଚାୟତ ଡୋଭାବିଲ ପାଟଣାରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇ ମରାମତି କାର୍ଯ୍ୟ ସରିଯାଇଥିଲା। ମାତ୍ର ଆଜି ପୁଣି ବନ୍ୟାଜଳ ବଢିବା ଫଳରେ ଏହି ମରାମତି ହୋଇଥିବା ବନ୍ଧ ଉପରେ ବନ୍ୟାଜଳ ଚାଲିଥିଲା। ବନ୍ୟା ଜଳର ସ୍ରୋତ ଅଧିକ ଥିବାରୁ ପରବର୍ତ୍ତୀ ସମୟରେ ଏହି ବନ୍ଧକୁ ପୁଣିଥରେ ଭାଙ୍ଗି ଦେଇଛି। ଫଳରେ ବନ୍ୟାପାଣି ସେହି ବାଟ ଦେଇ ଗାଁକୁ ପ୍ରବେଶ କରିଛି। ଦଶରଥପୁର ବ୍ଲକ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଏହି ବ୍ଲକର ତରପଦା, କସପା, ମଲ୍ଲିକାପୁର ଓ ଜୟନ୍ତରା ଆଦି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ବୈତରଣୀ ସମେତ ବ୍ରାହ୍ମଣୀ ଖରସ୍ରୋତାରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ସେପଟେ ଖୁବଶୀଘ୍ର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ, ପରିଦର୍ଶନ କଲେ ବିଡ଼ିଓ



କଳମପୁ. ୨୬।୯(ଅକ୍ଷର ଓଡ଼ିଶା): କଳମପୁର ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଅନେକ ଅଞ୍ଚଳରେ ଜଳମଗ୍ନ ପରିସ୍ଥିତି ଦେଖିବାକୁ ମିଳିଛି ବିଶେଷ କରି ବନ୍ଧକନା ଗ୍ରାମ ପଞ୍ଚାୟତ ଟେମରା ଗ୍ରାମରେ ବନ୍ୟାଜଳ ଯୋଗୁଁ ଟେମରା ଗ୍ରାମର ଲୋକମାନେ ପ୍ରଭାବିତ ହୋଇଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କଳମପୁର ବିଡିଓ ବିଜୟକୁମାର ମାଣ୍ଡାଙ୍ଗୀ,ତହସିଲଦାର ସ୍ମରଣିକା ତୁଳ ଏବଂ ବନ୍ଧକନା ସରପଞ୍ଚ ପ୍ରତିନିଧି ଶତ୍ରୁଘ୍ନ ବାଗ, କାର୍ଯ୍ୟନିର୍ବାହୀ ଅଧିକାରୀ ଲାଲସୁନ୍ଦର ଶବର ଟେମରା ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ବନ୍ୟାଜଳ ଘେରରେ ଥିବା ଟେମରା ଗ୍ରାମବାସୀଙ୍କୁ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପ୍ରଶାସନ ପକ୍ଷରୁ ଆଶ୍ରୟ ନେଇଥିବା ଲୋକମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ବର୍ଷା ଜାରି ରହିଥିବାରୁ ପ୍ରଭାବିତ ଅଞ୍ଚଳର ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ, ଆବଶ୍ୟକ ସ୍ଥଳେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ, ପ୍ରଶାସନର ତତ୍ପରତା ଯୋଗୁଁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆଶ୍ରୟ ଓ ଖାଦ୍ୟପାନୀୟ ବ୍ୟବସ୍ଥା ମିଳିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏଥିରେ ବନ୍ଧକନା ପଞ୍ଚାୟତ ର ବିଭାଗୀୟ ଅଧିକାରୀ ଯୋଗାଣ ସହାୟକ ଶୁଭେନ୍ଦ୍ର ନାଏକ, ପିଅନ ପୂର୍ଣ୍ଣଚନ୍ଦ୍ର ପାତ୍ର, ୱାର୍ଡ ମେମ୍ବର କୁଞ୍ଜ ବିହାରୀ ନାଏକ ସମେତ ଅନେକ ଜନପ୍ରତିନିଧି ଓ ଜନସାଧାରଣ ସହଯୋଗ କରିଥିଲେ।

# ଏକ ପେଡ ମା କେ ନାମ ଲାଗିଲା ୧୧,୨୦୦ ଗଛ




ଦଶମନ୍ତପୁର, ୨୬।୯ (କଇନ ଗରଡ଼ା): ଦଶମନ୍ତପୁର ବ୍ଲକର ୧୬ ଗୋଟି ପଞ୍ଚାୟତରେ ଆଜି ଏକ ପେଡ ମା କେ ନାମ ୩.୦ ପାଳିତ କରି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିବା ଦେଖିବାକୁ ମିଳିଛି। ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ପରିବେଶକୁ ଯତ୍ନ ନେବା ଏବଂ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ସୁନ୍ଦର ପୃଥିବୀ ତୋଳିବା ଲକ୍ଷ ନେଇ ପଞ୍ଚାୟତର ପିଇଓ,ଏଡ଼ିଓ, ସ୍ଥାନୀୟ ସରପଞ୍ଚ,ଜେଇ,ଏଇ ଏବଂ ଭିଏଫ୍‌ଟି ମାନେ ଉପସ୍ଥିତ ରହି ବନବିଭାଗ ପକ୍ଷରୁ ଦିଆଯାଇଥିବା ତେନ୍ତୁଳି, ଜାମୁକୋଳି, ଅଁଳା, ପଣସ, ଆମ୍ବ ଗଛ ଗୁଡ଼ିକ ରୋପଣ କରିଥିବା ଜଣାପଡିଛି। ପ୍ରତି ପଞ୍ଚାୟତକୁ ୭୦୦ ଲେଖାଏଁ ହିସାବରେ ବନବିଭାଗର ଭିନ୍ନ ଭିନ୍ନ ନର୍ସରୀରୁ ୧୧,୨୦୦ ଚାରା ଦିଆଯାଇଥିବା ବେଳେ ଶୁକ୍ରବାର ଲଗାଯାଇଛି ଏବଂ ବଳକା ଶନିବାର ଦିନ ରୋପଣ କରାଯିବା ସୂଚନା ମିଳିଛି।

# କର୍ମଚାରୀଙ୍କ ସମସ୍ୟା ଓ ମତାମତ ଶୁଣିଲେ ଦେବଗଡ଼ ଏସ୍ପି

ଦେବଗଡ଼ ୨୬।୯ (ଅକ୍ଷର ଓଡ଼ିଶା): କାର୍ଯ୍ୟସ୍ଥଳୀକୁ ସୁଦୃଢ଼ କରିବା ସହ କର୍ମଚାରୀଙ୍କ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଆଜି ଜଙ୍ଗ ଦେବଗଡ଼ ଠାରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦେବଗଡ଼ ଏସ୍ପି କିଶୋର ଚନ୍ଦ୍ର ମୁଣ୍ଡ କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ, ଚିନ୍ତାଧାରା ଓ ପରାମର୍ଶ ଶୁଣିଥିଲେ। କର୍ମଚାରୀମାନେ କାର୍ଯ୍ୟସ୍ଥଳୀରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଆହ୍ୱାନ ସମ୍ପର୍କରେ ଏସ୍ପିଙ୍କୁ ଅବଗତ କରାଇଥିଲେ। ଏସ୍ପି ଶ୍ରୀ ମୁଣ୍ଡ କର୍ମଚାରୀଙ୍କ ସମସ୍ୟାଗୁଡ଼ିକୁ ସହାନୁଭୂତିର ସହ ଶୁଣିବା ସହ ସମାଧାନ ପାଇଁ ଆବଶ୍ୟକ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର, ଅଳ୍ପକେ ବର୍ତ୍ତିଲେ ବୃଦ୍ଧ ଦମ୍ପତି

# ପ୍ରଶାସନର ସହାୟତା ଅପେକ୍ଷାରେ ଅସହାୟ ପରିବାର



କୋକସରା, ୨୬।୯(ମଙ୍ଗରାଜ ବେହେରା): ଲଘୁଚାପଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଥିବା ବେଳେ ଅନେକ ପରିବାର ଭୟ ଓ ଆତଙ୍କ ମଧ୍ୟରେ ରାତି କାଟୁଥିବା ଜଣାପଡ଼ିଛି।

କୋକସରା ବ୍ଲକ କାଉଡୋଳା ପଞ୍ଚାୟତ ମହଜନାଗୁଡ଼ା ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି। ବୃଦ୍ଧ ଦମ୍ପତି ଗରିଧାରୀ ନିଆଲ ଓ ଶାନ୍ତି ନିଆଲ ରାତିରେ ଖାଇସାରି ଶୋଇଥିବା ସମୟରେ ପ୍ରାୟ ରାତି ୮ଟା ୩୦ରେ ହଠାତ୍ ସେମାନଙ୍କ ଘର ଭୁଶୁଡ଼ି ପଡ଼ିଥିଲା। ଘରଟି ସମ୍ପୂର୍ଣ୍ଣ ଭାବେ ଦମ୍ପତିଙ୍କ ଉପରେ ପଡ଼ିଯାଇଥିଲା।ଘର ଭୁଶୁଡ଼ି ପଡ଼ିବା ପରେ ଘର ଭିତରେ ଥିବା ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମାଟି ତଳେ ଚାପି ହୋଇଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ଏବେ ସେମାନଙ୍କ ପାଖରେ ଆଉ ଘର ନାହିଁ। ପୁଅଝିଅ କେହି ନଥିବାରୁ ବୃଦ୍ଧ ଦମ୍ପତି ଅଧିକ ଅସହାୟ ହୋଇପଡ଼ିଛନ୍ତି। ନିଜ ଖର୍ଚ୍ଚରେ ନୂଆ ଘର ତିଆରି କରିବାକୁ ମଧ୍ୟ ସେମାନେ ସକ୍ଷମ ନୁହନ୍ତି। ତେଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ରହିବା ଓ ଖାଦ୍ୟର ବ୍ୟବସ୍ଥା ସହିତ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।ସେହିପରି କୋକସରା ବ୍ଲକ ବରଡ଼ଙ୍ଗା ପଞ୍ଚାୟତରେ ମଧ୍ୟ ଲଗାଣ ବର୍ଷାରେ ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ବରଡ଼ଙ୍ଗା ଗ୍ରାମର ଗୋକୁଳ ବାରିକଙ୍କ ଘର ରାତିରେ ପରିବାର ଲୋକେ ଶୋଇଥିବା ସମୟରେ ଭୁଶୁଡ଼ି ପଡ଼ିଥିଲା। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଅନ୍ୟପଟେ କାଉଡୋଳା ଗ୍ରାମର ତପନ କୁମାର କୋଟିଆ ଓ କୌଶଲ୍ୟା ମାଝୀଙ୍କ ଘର ମଧ୍ୟ ଲଗାଣ ବର୍ଷାରେ ଭାଙ୍ଗିପଡ଼ିଥିବା ଜଣାପଡ଼ିଛି। ଘର ଭାଙ୍ଗିଯିବା ପରେ ପରିବାର ଲୋକେ ରାତିସାରା ଉଜାଗର ରହିଥିବା କହିଛନ୍ତି। ବର୍ଷା ଓ ଭଙ୍ଗା ଘର ଯୋଗୁଁ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି।ଏଭଳି ପରିସ୍ଥିତିରେ ବ୍ଲକ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରାଯିବା ସହିତ ଯୋଗ୍ୟ ପରିବାରଗୁଡ଼ିକୁ ତୁରନ୍ତ ସରକାରୀ ସହାୟତା, ଆବାସ ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ଧର୍ମଶାଳା ରାଜନୀତିରେ ନୂଆ ମୋଡ଼: ବେଲ୍‌ରେ ଆସିବା ପରେ ବିଧାୟକ ହିମାଂଶୁ ସାହୁଙ୍କ ସହ ମିଶିଲେ ରାକେଶ



ଧର୍ମଶାଳା, ୨୬।୯ (ଅକ୍ଷର ଓଡ଼ିଶା): ଧର୍ମଶାଳାର ଜଣାଶୁଣା ତଥା ଚର୍ଚ୍ଚିତ ଚେହେରା ରାକେଶ ନାୟକ (ରକି ) ଆଜି ବିଧିବଦ୍ଧ ଭାବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହ ହାତ ମିଳାଇଛନ୍ତି। ଜେଲ୍‌ରୁ ଜାମିନ୍ (ବେଲ୍)ରେ ମୁକୁଳିବା ପରେ ରାକେଶ ସିଧାସଳଖ ବିଧାୟକଙ୍କ ଶରଣାପନ୍ନ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଜୋରଦାର ଆଲୋଚନା ଚାଲିଛି।ମିଳିଥିବା ସୂଚନା ଅନୁଯାୟୀ, ଗତକିଛି ଦିନ ହେବ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ଥିବା ରାକେଶ ନାୟକ ଜେଲ୍‌ରେ ଥିବା ବେଳେ, ଆଜି ଜାମିନ୍ ପାଇ ଫେରିବା ପରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସାକ୍ଷାତ କରିଥିଲେ। ଏହି ସାକ୍ଷାତକାର ସମୟରେ ରାକେଶ, ବିଧାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହ ତାଙ୍କ ସହ ମିଶି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି।ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ରାକେଶ ନାୟକଙ୍କର ଯୁବବର୍ଗଙ୍କ ମଧ୍ୟରେ ବେଶ୍ ପ୍ରଭାବ ରହିଥିବା ବେଳେ, ତାଙ୍କର ଏହି ନିଷ୍ପତ୍ତି ଆଞ୍ଚଳିକ ରାଜନୈତିକ ସମୀକରଣକୁ ବଦଳାଇ ଦେବ ବୋଲି ଆଲୋଚନା ହେଉଛି। ରାକେଶ ବିଧାୟକଙ୍କ ସହ ସାମିଲ ହେବା ଘଟଣାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଅପରପକ୍ଷରେ, ଏହି ମିଶ୍ରଣ ପରେ ଧର୍ମଶାଳାର ଆଗାମୀ ରାଜନୈତିକ ସ୍ଥିତି କି ରୂପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# 'ବନ୍ଦେ ମାତରମ୍' ଗୀତ ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ମାରକ କାର୍ଯ୍ୟକ୍ରମ



ପଦ୍ମପୁର ୨୬।୯ (ଅକ୍ଷର ଓଡ଼ିଶା): ଭାରତର ଜାତୀୟ ଚେତନା ଓ ସ୍ୱାଧୀନତା ଆନ୍ଦୋଳନର ପ୍ରେରଣାର ପ୍ରତୀକ 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ବର୍ଷବ୍ୟାପୀ ସ୍ମାରକ କାର୍ଯ୍ୟକ୍ରମ ଚାଲିଛି।ଏହି ପରିପ୍ରେକ୍ଷୀରେ ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ 'ବନ୍ଦେ ମାତରମ୍' ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଦେଶାତ୍ମବୋଧକ ଗୀତ 'ବନ୍ଦେ ମାତରମ୍'କୁ ସମ୍ମାନ ଜଣାଇଥିଲେ। ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ଏହି ଐତିହାସିକ ଗୀତ ୧୮୭୫ ମସିହାରେ ପ୍ରକାଶ ପାଇଥିଲା। ଏହାର ୧୫୦ତମ ବର୍ଷ ପୂର୍ତ୍ତିକୁ ସାରା ଦେଶରେ ବିଭିନ୍ନ ସାଂସ୍କୃତିକ ଓ ଦେଶଭକ୍ତିମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଏହି ଅବସରରେ 'ବନ୍ଦେ ମାତରମ୍'ର ଐତିହାସିକ ମହତ୍ତ୍ୱ ଓ ଦେଶର ସ୍ୱାଧୀନତା ସଂଗ୍ରାମରେ ଏହାର ଭୂମିକାକୁ ସ୍ମରଣ କରାଯାଇଥିଲା।

# ବିଜେଡି ଯୁବନେତାଙ୍କ ଅକାଳ ବିୟୋଗ



ଆଠଗଡ଼, ୨୬।୯ (ଅକ୍ଷର ଓଡ଼ିଶା): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୨ନଂ ୱାର୍ଡର ଲକ୍ଷ୍ମୀ ପ୍ରସାଦ ରାଉତ (୫୨) ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ଭୁବନେଶ୍ୱର ସ୍ଥିତ ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ପରଲୋକ ଘଟିଛି। ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ଥାନୀୟ ବିରକିଶୋରପୁର ବାସ ଭବନରେ ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲ୍ଲା ପରିଷଦର ସଭ୍ୟ ବଳଭଦ୍ର ବାଘ, ସଞ୍ଜୟ ମଲ୍ଲିକ, ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତ, ନଗର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂ, ଉପ ନଗରପାଳ ବି ଶୁଭଙ୍କର ଜ୍ୟୋତି, ଛାତ୍ର ବିଜେଡି ସଭାପତି ମହମ୍ମଦ ଖଲିଦ୍, ଓକିଲ ସଂଘର ସମ୍ପାଦକ ବନ ବିହାରି ସାହୁଙ୍କ ସହିତ ଅନ୍ୟ ମାନେ ଶେଷ ଦର୍ଶନ କରିଥିଲେ।

# କନ୍ଧମାଳ ଜିଲ୍ଲା ଆପ ପକ୍ଷରୁ ଜିଲ୍ଲା ସମ୍ପାଦକସ୍ୱଚ୍ଛତା ନେଇ ଅଭିଯୋଗ

ଫୁଲବାଣୀ, ୨୬।୯ (ଅକ୍ଷର ଓଡ଼ିଶା): କନ୍ଧମାଳ ଜିଲ୍ଲା ଆମ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ଗିରିଶ କୁମାର ପଟ୍ଟନାୟକଙ୍କ ଅଭିଯୋଗ ପ୍ରକାରେ। ଫୁଲବାଣୀ ପୌର ପରିଷଦ ହେଲା ପରେବି ଆମେ ଆଜି ସବୁ କ୍ଷେତ୍ରରେ ଅବ ହେଳୀତ,ଏଠି ସ୍ୱଚ୍ଛତା ନାହିଁ, ବର୍ଷା ଦିନେ ଡ୍ରେନେଜ୍ ଜାମ୍ ହେଉଛି ଯାହା ଫଳରେ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲୁଛି । ସହର ବାସୀଙ୍କ ପାଇଁ, ସାନିଟାଇଯେର ସୁବିଧା ଯଥା ବ୍ଲିଚିଂ ପାଉଡର୍ ଛିଞ୍ଚନ, ମଶା ତେଲ ସ୍ପ୍ରେ ଡିଡ଼ଟି ସ୍ପ୍ରେ, କାର୍ଯ୍ୟକାରିତା ଦେଖିବାକୁ ମିଳୁନି, ମଶା ତେଲ ସ୍ପ୍ରେ ମେସିନ ବ୍ୟବହାର ରେ ଆସୁନି। ଏପରିକି ଅଧିକାଂଶ ୱାର୍ଡରେ ଝାଡୁ ଠିକସେ ମରାଯାଉ ନାହିଁ କ୍ଷକେତୋଟି ୱାର୍ଡ ରେ ଝାଡୁ ମାରିବା ପରେ ପତ୍ର ଜରି ଇତ୍ୟାଦିକୁ ଯେଉଁଠି ସେଇଠି ଗଦା କରାଯାଉଛି ସେହି ଅଳିଆ ଆବର୍ଜନା ପୌର ପରିଷଦ ଦ୍ୱାରା ବାହାର କରାଯାଉ ନାହିଁ। ଫଳରେ ଉକ୍ତ ଅପରିଷ୍କାର ଉପରେ କୁକୁର ବିଲେଇ ମଳ ତ୍ୟାଗ କରି ଦୁର୍ଗନ୍ଧ ରେ ରାସ୍ତାରେ ଯା ଆସ କରିହେଉ ନାହିଁ କ୍ଷଅପରିଷ୍କାର ପରିବେଶରେ ସହରବାସୀଙ୍କୁ ରହିବାକୁ ପଡୁଛି । ଗରିବ ଲୋକଙ୍କ ପାଇଁ ଆସୁଥିବା ଆବାସ ଘର ବର୍ଷ, ବର୍ଷ ଧରି ବଞ୍ଚିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ କୁ ଦୃଷ୍ଟି ଆକର୍ଷଣ କଲେବି ସୁଫଳ ମିଳି ପାରୁ ନାହିଁ, ଟେଣ୍ଡର ନେଇଥିବା ବ୍ୟକ୍ତି ଦେଲେ ଲାଇଟ୍ ଗୁଡିକ ଲାଗିବ ବୋଲି ଦାୟିତ୍ୱରେ ଥିବା ବ୍ୟକ୍ତି କହୁଛନ୍ତି। ସହରର ରାସ୍ତାର ଦୁଇ ପାର୍ଶ୍ୱ ଅଳିଆ ଆବର୍ଜନା, ଗୋଡ଼ି, ବାଲି ରହି ଅପରିଷ୍କାର ପରିବେଶରେ ରହିବାକୁ ପଡୁଛି।

# ମହାନଦୀକୁ ଡେଇଁ ଯୁବକ ନିଖୋଜ



ଖଣ୍ଡପଡ଼ା ୨୬।୯ (ଅକ୍ଷର ଓଡ଼ିଶା): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ନିକଟସ୍ଥ ମହାନଦୀ ସେତୁ ଉପରୁ ଜଣେ ଯୁବକ ମହାନଦୀକୁ ଡେଇଁ ଶୁକ୍ରବାର ଅପରାହ୍ନରୁ ନିଖୋଜ ହୋଇଥିବା ଜଣାପଡିଛି। ନିଖୋଜ ଯୁବକଙ୍କ ନାମ ସରୋଜ ନାଏକ (୨୬) ଓ ତାଙ୍କର ଘର ଦଶପଲ୍ଲା ବ୍ଲକ ଅଧୀନ ଡିପିସାହି ଗ୍ରାମରେ ବୋଲି ଜଣାପଡିଛି। ଖବରପାଇ ଖଣ୍ଡପଡ଼ା,ଗଣିଆ,କଟକ ଜିଲ୍ଲା ଅଧୀନ ନରସିଂହପୁର ଓ ବଡମ୍ବା ଅଞ୍ଚଳର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦିର୍ଘ ସମୟ ଧରି ଏକ ବୋଟ ଯୋଗେ ମହାନଦୀରେ ଖୋଜାଖୋଜି କରିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ ସଂପର୍କରେ କୌଣସି ପତ୍ତା ମିଳିନଥିବା ଜଣାପଡିଛି।

# ଲଗାଣ ବର୍ଷାରେ ତେଲ ନଦୀରେ ବନ୍ୟା
## କେନ୍ଦୁଝର–ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ



କେନ୍ଦୁଝର:୨୬/୦୯(ଦିଲ୍ଲୀପ କୁମାର ସାହୁ) – ବାତ୍ୟା ଅର୍ଣବ ପ୍ରଭାବରେ ଲଗାଣବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ବ୍ଲକ ଅଞ୍ଚଳରେ ବହିଯାଉଥିବା ତେଲ ନଦୀର ଜଳସ୍ତର ବୃଦ୍ଧି ପାଇଛି । କୁମୁଲାବାହାଲି ନିକଟରେ ତେଲ ନଦୀ ଉପରେ ଥିବା ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ଯୋଗାଯୋଗ ପ୍ରଭାବିତ ହୋଇଛି ।ସୂଚନା ଅନୁସାରେ, ଲଗାଣ ବର୍ଷା ପରେ ତେଲ ନଦୀରେ ଜଳପ୍ରବାହ ବଢ଼ିଥିବା ବେଳେ କୁମୁଲାବାହାଲିସ୍ଥିତ ପୋଲ ଉପରେ ପ୍ରାୟ ୫ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହେଉଥିବା କୁହାଯାଉଛି । ଫଳରେ ଏହି ପଥ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି । ଏହାର ପ୍ରଭାବରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ଏହି ରାସ୍ତା ଦେଇ ହେଉଥିବା ସାଧାରଣ ଯାତାୟାତ ଠପ୍ ହୋଇପଡ଼ିଥିବା ଜଣାପଡ଼ିଛି । ବର୍ଷା ଜାରି ରହିଲେ ନଦୀର ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ଥିବାରୁ ପୋଲ ଉପରେ ପାଣି ପ୍ରବାହିତ ହେଉଥିବା ସମୟରେ ଲୋକମାନେ ଏହି ରାସ୍ତାରେ ଯାତାୟାତ ନକରିବାକୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ବିଶେଷକରି ଦୁଇଚକିଆ ଯାନ ଓ ଛୋଟ ଯାନ ନେଇ ବନ୍ୟାଜଳ ମଧ୍ୟରେ ପ୍ରବେଶ କରିବା ବିପଦପୂର୍ଣ୍ଣ ହୋଇପାରେ । ନଦୀର ଜଳସ୍ୱ ଓ ପୋଲ ଉପରେ ଜଳପ୍ରବାହର ସ୍ଥିତି ନିରନ୍ତର ନଜରରେ ରଖିବା ମଧ୍ୟ ଜରୁରୀ ହୋଇପଡ଼ିଛି ।ବର୍ଷା ଓ ନଦୀର ଜଳସ୍ତର ହ୍ରାସ ପାଇବା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ସ୍ଥାନୀୟ ପ୍ରଶାସନର ସୂଚନା ଓ ସତର୍କତାକୁ ଅନୁସରଣ କରିବାକୁ ନିବେଦନ କରାଯାଇଛି ।

# ନୋଟିସ ପରେ ବି ବଢୁଛି ଟ୍ରାଫିକ ସମସ୍ୟା
## ବାମେବାରୀ–ପଳାସପଙ୍ଗା ରାସ୍ତାରେ ଅଟକୁଛି ଶହ ଶହ ଲୁହାପଥର ବୋଝେଇ ଭାରୀଯାନ

ଯୋଡ଼ା ୨୬/୦୯(ଅକ୍ଷର ଓଡ଼ିଶା): ଜାତୀୟ ରାଜପଥଗୁଡ଼ିକରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ଉପରେ କେନ୍ଦୁଝର ଜିଲ୍ଲାପାଳ ତଥା ଆରଟିଏ ଅଧ୍ୟକ୍ଷଙ୍କ ପକ୍ଷରୁ ଏକ ମାସର କଟକଣା ଜାରି ହୋଇଥିବା ବେଳେ, ଏହା ପରେ ବାମେବାରୀ–ପଳାସପଙ୍ଗା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଆହୁରି ଜଟିଳ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଜିଲ୍ଲାପାଳଙ୍କ ନୋଟିସ ଅନୁଯାୟୀ, ୨୫ ସେପ୍ଟେମ୍ବରରୁ ୨୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଜାତୀୟ ରାଜପଥର ମୁଖ୍ୟ ଯାତାୟାତ ପଥରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି । ରାସ୍ତାରେ ଭାରୀଯାନ ପାର୍କିଂ ଯୋଗୁଁ ଜରୁରୀକାଳୀନ ଯାନ ଚଳାଚଳରେ ବାଧା ଓ ଦୁର୍ଘଟଣାର ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ଆଦେଶ ଜାରି ହୋଇଛି ।ତେବେ ଏହାର ପ୍ରଭାବ ବାମେବାରୀ–ପଳାସପଙ୍ଗା ରାସ୍ତାରେ ଦେଖିବାକୁ ମିଳୁନଥିବା ନେଇ ଅଭିଯୋଗ ଉଠିଛି । ଏହି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଲୁହାପଥର ବୋଝେଇ



ଭାରୀଯାନ ଅଟକି ରହୁଥିବାରୁ ସାଧାରଣ ଯାନବାହନ ଚଳାଚଳ ପ୍ରଭାବିତ ହେଉଛି । ଅନେକ ସ୍ଥାନରେ ଦୁଇଚକିଆ ଯାନ ଯିବା ପାଇଁ ମଧ୍ୟ ରାସ୍ତା ମିଳୁନଥିବା ସ୍ଥାନୀୟ ଲୋକେ କହିଛନ୍ତି ।ବିଶେଷକରି ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଭଳି ଜରୁରୀକାଳୀନ ଯାନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଯାନର ଚଳାଚଳ ନେଇ ଚିନ୍ତା ପ୍ରକାଶ ପାଇଛି । ଟ୍ରାଫିକ ଜାମ୍ ଯୋଗୁଁ ବସ୍ ଚଳାଚଳ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି । ଫଳରେ ଦୈନନ୍ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ ସ୍ଥାନୀୟ ବାସିନ୍ଦା ସମସ୍ୟାରେ ପଡୁଥିବା କହିଛନ୍ତି ।ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଥିବା ଶିଳ୍ପ ସଂସ୍ଥାଗୁଡ଼ିକ ପକ୍ଷରୁ ଖଣିଜ ପରିବହନ ପାଇଁ ବହୁ ସଂଖ୍ୟକ ଭାରୀଯାନ ଚଳାଚଳ କରୁଛି । କାରଖାନାରେ ସମୟମତେ ଗାଡ଼ି ଖାଲି ହୋଇପାରୁନଥିବାରୁ ଅନେକ ଯାନ ରାସ୍ତା ଉପରେ ଅଟକି ରହୁଥିବା ସେମାନେ ଅଭିଯୋଗ କରିଛନ୍ତି ।ସେମାନଙ୍କ କହିବା ଅନୁଯାୟୀ, ସାଗାସାହି, ଠାକୁରାଣୀ, ସିରାଜୁଦ୍ଦିନ, ସିଶାଗୋଆ ଓ ଅନ୍ୟାନ୍ୟ ଖଣି ଅଞ୍ଚଳରୁ ଦୈନିକ ବହୁ ସଂଖ୍ୟକ ଯାନରେ ଲୁହାପଥର ପରିବହନ ହେଉଛି । ଏହି ଯାନଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପାର୍କିଂ ଓ ଅପେକ୍ଷାସ୍ଥଳ ନଥିବାରୁ ରାସ୍ତା ଉପରେ ଭାରୀଯାନର ଲମ୍ବା ଧାଡ଼ି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।ସ୍ଥାନୀୟ ଲୋକେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଶିଳ୍ପ ସଂସ୍ଥାକୁ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବା ସହ ପରିବହନ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବାକୁ ଦାବି କରିଛନ୍ତି । ଏଥିସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶର କଡ଼ାକଡ଼ି ପାଳନ ସହ ରାସ୍ତା ଅବରୋଧ କରୁଥିବା ଯାନ ବିରୋଧରେ ପଦକ୍ଷେପ ନେବାକୁ ଦାବି ହୋଇଛି ।ଟ୍ରାଫିକ ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ମଧ୍ୟ କେତେକ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

# ଅରିନ୍ଦମ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦୁଝର:୨୬/୦୫(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାର ଯୁବ ସାମ୍ବାଦିକ ସ୍ୱର୍ଗତଃ ଅରିନ୍ଦମ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଗତ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମସ୍ଥିତ ' ଅରିନ୍ଦମ ସ୍ମୃତି ପୀଠ 'ରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତଃ ଅରିନ୍ଦମ ଦାସଙ୍କ ମାତା କୁନି ଦାସ, ବଡ଼ ଭଉଣୀ ରୋଜାଲିନ ଦାସ, କକା ଧରଣୀଧର ଦାସ, ପଣ୍ଡିତ ଅକ୍ଷୟ ନାରାୟଣ ମିଶ୍ର, ଶିକ୍ଷକ ଚିନ୍ତାମଣି ମହାନ୍ତ, ରମେଶ ପାତ୍ର, ଖୁଡ଼ି ସଞ୍ଜୁକ୍ତା ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଯୁବ ସାମ୍ବାଦିକ ସ୍ୱର୍ଗତ ଅରିନ୍ଦମ ଦାସ ଖୁବ କମ ବୟସରେ ସାମ୍ବାଦିକତା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସେ ସର୍ବଦା ଜିରୋ ଗ୍ରାଉଣ୍ଡରୁ ରିପୋର୍ଟ ସଂଗ୍ରହ କରି ଚର୍ଚ୍ଚିତ ହୋଇଥିଲେ ଏଂ ଜିରୋ ଗ୍ରାଉଣ୍ଡରୁ ରିପୋର୍ଟ ସଂଗ୍ରହ କରୁଥିବା ସମୟରେ ମୁଣ୍ଡଲୀ ବ୍ୟାରେଜରେ ବୁଡ଼ିଯାଇ ତାଙ୍କର ପ୍ରାଣହାନୀ ହୋଇଥିଲା । ତାଙ୍କ ସ୍ମୃତିକୁ ଅମର ରଖିବା ପାଇଁ ରାଇକଳା ଗ୍ରାମରେ ନିର୍ମିତ ଅରିନ୍ଦମ ସ୍ମୃତିପୀଠରେ ପ୍ରତିବର୍ଷ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି । ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ସ୍ୱର୍ଗତଃ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସ୍ମୃତିଚାରଣ କରିଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟ ଠାରେ
## ଜାତୀୟ ସେବା ଯୋଜନା ଦିବସ ଅନୁଷ୍ଠିତ

କେନ୍ଦୁଝର ୨୬/୦୯( ରାଜକିଶୋର ଶତପଥି ) : ଧରଣୀଧର ବିଶ୍ୱବିଦ୍ୟାଳୟର ସଭାଗୃହ ଆଜି ସେବା ଓ ସମର୍ପଣର ଭାବନାରେ ଭରି ଉଠିଥିଲା । ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସକୁ ଘେରି ପ୍ରାୟ ୩୦୦ ଯୁବ ସ୍ୱେଚ୍ଛାସେବୀ ଏକତ୍ର ହୋଇ ଏକ ଭାବପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହା କେବଳ ଏକ ଔପଚାରିକ ପାଳନ ନଥିଲା; ବରଂ ଯୁବ ପିଢ଼ିଙ୍କ ମନରେ ସେବାର ମନ୍ତ୍ର ଜାଗ୍ରତ କରିବାର ଏକ ଜୀବନ୍ତ ମଞ୍ଚ ପାଲଟିଥିଲା ।ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ସଞ୍ଜୟ କୁମାର ପାତ୍ର ଅଧ୍ୟକ୍ଷତା କରି କହିଥିଲେ, "ମାନବ ସେବା ହିଁ ମାଧବ ସେବା । ଆମେ ନିଃସ୍ୱାର୍ଥ ଭାବରେ ସେବା କରିବା ଉଚିତ ।" ତାଙ୍କ କଥା ଶୁଣି ଉପସ୍ଥିତ ସ୍ୱେଚ୍ଛାସେବୀମାନେ ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ସମ୍ମାନିତ ଅତିଥି ଭାବେ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଭୁପାଦ ଦାସ ଓ ପୂର୍ବତନ ଜାତୀୟ ସେବା ଜିଲ୍ଲା ସଂଯୋଜିକା ଡକ୍ଟର ଅନୁପମା ଦାସ ଉପସ୍ଥିତ ରହି ସେବାର ମହତ୍ତ୍ୱ, ଲକ୍ଷ୍ୟ ଓ ସକାରାତ୍ମକ ମାନସିକତା ଉପରେ ଗୁରୁତ୍ୱ ଦେଇଥିଲେ । ସେମାନେ କହିଥିଲେ ଯେ ସେବା କରିବା ସମୟରେ କାହାରି ତିରସ୍କାରକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ।ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଓଡ଼ିଶା ଗାନ୍ଧୀ




ବିଚାର ପରିଷଦର ସଭାପତି ଶ୍ରୀ ଭକ୍ତବତ୍ସଳ ମହାନ୍ତି ଇତିହାସର ପତ୍ର ଉନ୍ମୋଚନ କରିଥିଲେ । ସେ କହିଥିଲେ ଯେ ୧୯୬୯ ମସିହାରେ ମହାତ୍ମା ଗାନ୍ଧୀଙ୍କ ୧୦୦ତମ ଜନ୍ମଜୟନ୍ତୀ ଅବସରରେ ସେପ୍ଟେମ୍ବର ୨୪ ତାରିଖରେ ୩୭ଟି ବିଶ୍ୱବିଦ୍ୟାଳୟରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ନେଇ ଜାତୀୟ ସେବା ଯୋଜନାର ଜନ୍ମ ହୋଇଥିଲା । ଏହା ଗାନ୍ଧୀଜୀଙ୍କ ସ୍ୱପ୍ନର ବାସ୍ତବ ରୂପ ଥିଲା । ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ଓ ମାଆ ରମାଦେବୀଙ୍କ ସେବା ମାର୍ଗ ଆଜି ମଧ୍ୟ ଆମକୁ ଦିଶା ଦେଉଛି ବୋଲି ସେ ସ୍ମରଣ କରାଇଥିଲେ ।କାର୍ଯ୍ୟକ୍ରମରେ ସଫଳ ସେବାକାର୍ଯ୍ୟ ପାଇଁ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୁଳପତି ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଗଣଶପଥ କରାଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ରଶ୍ମିକାନ୍ତ ପ୍ରଧାନଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ବୈତରଣୀର ଜଳସ୍ତର ବଢୁଛି !
## ବର୍ଷା ସତ୍ତ୍ୱେ ପରିଦର୍ଶନ ଉପଜିଲ୍ଲାପାଳ

ହାଟଡିହି: ୨୬/୯ (ଅମୀୟ ବରାଳ) –ଆନନ୍ଦପୁର ଅଞ୍ଚଳରେ ବୈତରଣୀ ନଦୀର ଜଳସ୍ତର ଧୀରେଧୀରେ ବୃଦ୍ଧି ପାଇଥିବାରୁ ନଦୀକୂଳବର୍ତ୍ତୀ ଅଞ୍ଚଳରେ ସତର୍କତା ବଢ଼ିଛି । ଆଜି ସକାଳ ୧୧ଟା ସମୟରେ ଆନନ୍ଦପୁର ସାଇଟ୍‌ରେ ବୈତରଣୀ ନଦୀର ଜଳସ୍ତର ୩୭.୬୨୦ ମିଟର ରେକର୍ଡ କରାଯାଇଛି । ଏଠାରେ ନଦୀର ସତର୍କ ସ୍ତର ୩୭.୪୪୫ ମିଟର ଓ ବିପଦ ସଙ୍କେତ ୩୮.୩୬୦ ମିଟର ରହିଛି । ଫଳରେ ବର୍ତ୍ତମାନ ଜଳସ୍ତର ସତର୍କ ସୀମାଠାରୁ ୦.୧୭୫ ମିଟର ଅଧିକ ରହିଛି । ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରବଳ ବର୍ଷା ସମୟରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ବୈତରଣୀ ନଦୀତଟକୁ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି । ବର୍ତ୍ତମାନ ନଦୀର ଜଳସ୍ତର, ନଦୀତଟ ଅଞ୍ଚଳର ପରିସ୍ଥିତି ଓ ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ସେ ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ପ୍ରଶାସନ ପକ୍ଷରୁ ଜଳସ୍ତର ଉପରେ ନିୟମିତ ନଜର ରଖାଯାଉଥିବା ବେଳେ ପରିସ୍ଥିତି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।ବୈତରଣୀର ଜଳସ୍ତର ବୃଦ୍ଧି ଯୋଗୁଁ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକଙ୍କ ମଧ୍ୟରେ ମଧ୍ୟ ସତର୍କତା ବଢ଼ିଛି । ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ଅନାବଶ୍ୟକ ଭାବେ ଯାତାୟାତ ନକରିବା ସହ ଜଳସ୍ତରର ପରିବର୍ତ୍ତନ ଉପରେ ନଜର ରଖିବାକୁ ସଚେତନତାର ଆବଶ୍ୟକତା ରହିଛି । ଆଗାମୀ ସମୟରେ ଜଳସ୍ତର କିପରି ପରିବର୍ତ୍ତନ ହେଉଛି, ତାହା ଉପରେ ପ୍ରଶାସନର ସମସ୍ତ ଅଧିକାରୀ ସଜାଗ ରହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ

କେନ୍ଦୁଝର ସଦର ୨୬/୯ ( ମନୋଜ କୁମାର ପଟେଲ) :ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝରଗଡ ତରଫରୁ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନମାମି ଭାରତମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ବିଦ୍ୟା ଭାରତୀ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆମ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା ଏକାଠି ହୋଇ ଠିକ ଘ ୧୧ଟିକା ସମୟରେ ଏକ ସ୍ୱର ଏକ ଲୟରେ ବନ୍ଦେ ମାତରଂ ସଙ୍ଗୀତ ଗାନ କରିଥିଲେ । ଅତିଥି ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାର ଉତ୍ତର ସଂଭାଗ ସଂଯୋଜକ ରାହାସ ବିହାରୀ ମହାପାତ୍ର, କେନ୍ଦୁଝର ସହ୍‌ଭାଗ ନିରୀକ୍ଷକ ଭାଗବତ ମହାଳିକ ଉପସ୍ଥିତ ଥିଲେ ।ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୧୫୦ ରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ ।

# କାନଝାରୀ ଡ୍ୟାମରୁ ବନ୍ୟାଜଳ ନିଷ୍କାସନ

କେନ୍ଦୁଝର, ୨୬/୦୯ ( ରାଜକିଶୋର ଶତପଥି ): ଗଭୀର ଅବପାତ ପ୍ରଭାବରେ କେନ୍ଦୁଝର ଜିଲ୍ଲାରେ ଗତ ତିନି ଦିନ ଧରି ଲଗାତାର ବର୍ଷା ଜାରି ରହିଛି । ଏହି ପ୍ରବଳ ବର୍ଷା କାରଣରୁ ଜିଲ୍ଲାର ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଛି । କାନଝାରୀ ଡ୍ୟାମର ଜଳଭଣ୍ଡାରରେ ଜଳସ୍ତର ବଢ଼ିବାରୁ ଗତକାଲି ସନ୍ଧ୍ୟାରେ ଦୁଇଟି ଗେଟ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଧ୍ୟାନରେ ରଖି ତଳମୁଣ୍ଡରେ ବନ୍ୟା ଆଶଙ୍କାକୁ ଏଡ଼ାଇବା ପାଇଁ ପୂର୍ବରୁ ହିଁ ଜଳ ନିଷ୍କାସନ କରାଯାଇଥିଲା । ଡ୍ୟାମର ସାତଟି ଗେଟ ମଧ୍ୟରୁ କେବଳ ଦୁଇଟି ଗେଟ ଖୋଲାଯାଇଛି । କାନଝାରୀ ନଦୀବନ୍ଧ ପ୍ରକଳ୍ପରେ ମୁଖ୍ୟତଃ କାଳିଞ୍ଜିର, ବୁଢ଼ୀନଦୀ ଓ ହନୁମତିଆ ନାଳରୁ ବନ୍ୟାଜଳ ପ୍ରବେଶ କରୁଛି । ଉପରମୁଣ୍ଡରେ ଲଗାତାର ପ୍ରବଳ ବର୍ଷା ହେବାରୁ ନଦୀ–ନାଳରେ ଜଳସ୍ତର ବଢ଼ି ଡ୍ୟାମ ଭିତରକୁ ପ୍ରବେଶ କରିଛି । ଜଳ ନିଷ୍କାସନ ପୂର୍ବରୁ ତଳମୁଣ୍ଡର ଗାଁଗୁଡ଼ିକର ଲୋକଙ୍କୁ ମାଇକ ଓ ସାଇରେନ ମାଧ୍ୟମରେ ସତର୍କ କରାଯାଇଥିଲା । ବର୍ତ୍ତମାନ ଡ୍ୟାମର



ଜଳସ୍ତର ୪୦୭.୨୮ ମିଟରରେ ରହିଛି, ଯେତେବେଳେ ପୂର୍ଣ୍ଣ ଜଳଭଣ୍ଡାର ସ୍ତର ୪୦୮.୫୦ ମିଟର । ପ୍ରତି ସେକେଣ୍ଡରେ ୨୧୧.୨୯ ଘନମିଟର ଜଳ ଭଣ୍ଡାର ଭିତରକୁ ପ୍ରବେଶ କରୁଥିବାବେଳେ ଦୁଇଟି ଗେଟ ମାଧ୍ୟମରେ ୨୫୫.୭୩ ଘନମିଟର ଜଳ ବାହାରକୁ ନିଷ୍କାସନ ହେଉଛି ।କେନ୍ଦୁଝର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ଲିପିକା ଡି. କାଶ୍ୟପ ସୂଚନା ଦେଇ କହିଛନ୍ତି ଯେ ନଦୀ–ନାଳରେ ଜଳସ୍ତର ବଢୁଥିବାରୁ ତଳିଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଲୋକଙ୍କ ସୁରକ୍ଷା ପାଇଁ ବର୍ଷା, ବନ୍ୟାଜଳ ଓ ଡ୍ୟାମର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଛି ।

# ଏମ୍‌ଏସ୍‌ଏମ୍‌ଇ ଓ 'ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ' ଉପରେ ସଚେତନତା କାର୍ଯ୍ୟକ୍ରମ

ଚମ୍ପୁଆ, ୨୬/୦୯: (ରାଜକିଶୋର ଶତପଥି ) ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗିତା, ସ୍ୱ–ରୋଜଗାର, ନବ ସୃଜନ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋଟିଏ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇନ୍‌ଚାର୍ଜ ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ବକ୍ତବ୍ୟ ଦେଇଥିଲେ । ସେ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗିତା ମନୋଭାବ ବିକାଶ କରିବାକୁ ଓ ନବ ଚିନ୍ତାଧାରାକୁ ସ୍ୱ–ରୋଜଗାରରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ କେନ୍ଦୁଝର ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପ୍ରବନ୍ଧକ ଶ୍ରୀମତୀ ମଲ୍ଲିକା ମୁର୍ମୁ । ସେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ଉଦ୍ୟୋଗିତାର ସୁଯୋଗ ଓ ସରକାରୀ ସହାୟତା ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ ।ଅତିଥି ବକ୍ତା ଭାବେ ଉପସ୍ଥିତ ଥିଲେ ଶିଳ୍ପ ପ୍ରୋନ୍ନୟନ ଅଧିକାରୀ ମାନସ ରଞ୍ଜନ ନାୟକ । ସେ ଯୁବ ଉଦ୍ୟୋକ୍ତାମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଶିଳ୍ପ ପ୍ରୋନ୍ନୟନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ ଏଆଇଓ ବଳରାମ ଦାସ (ଚମ୍ପୁଆ ବ୍ଲକ) ଓ ସତ୍ୟ ରଞ୍ଜନ ସାହୁ (ଯୋଡ଼ା ବ୍ଲକ) । ସେମାନେ ଗ୍ରାମୀଣ ସ୍ତରରେ ଉଦ୍ୟୋଗିତା ଓ ସରକାରୀ ସହାୟତା ବ୍ୟବସ୍ଥା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଅର୍ଥନୀତି ବିଭାଗର ଚୂଡ଼ାନ୍ତ ବର୍ଷର ଛାତ୍ରୀ ମାନ୍ୟତା ରାମ ସ୍ଥାନୀୟ ସ୍ତରରେ ବାଉଁଶ ଉତ୍ପାଦ ତିଆରି କରି ବ୍ୟବସାୟ କରିବାର




ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଚମ୍ପେଶ୍ୱର ମିଶ୍ର, ସୁମିତ କୁମାର ମିଶ୍ର, ରଞ୍ଜିତା ମୁଣ୍ଡା, ପୂନମ ହୋରୋ, ଡଃ ସୁନୀଲ କୁମାର ସାହୁ, ଦୀପ୍ତି ରଞ୍ଜନ ଖଟୁଆ, ଲିଜି ବାବୁ, ସଞ୍ଜିବ କେ. ପ୍ରଧାନ, ଫକୀର ମୋହନ ମାଝି, ଲିପିକା ପ୍ରଧାନ, ଉମାକାନ୍ତ ମହାନ୍ତ, ଡଃ ଗୁପ୍ତେଶ୍ୱର ମାଝି ଏବଂ କଳା ଓ ବିଜ୍ଞାନ ଧାରାର ଚୂଡ଼ାନ୍ତ ବର୍ଷର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନବ ସୃଜନ, ଦକ୍ଷତା ବିକାଶ ଓ ସ୍ୱ–ରୋଜଗାରର ମହତ୍ତ୍ୱ ବିଷୟରେ ଅବଗତ ହୋଇଥିଲେ । ଶେଷରେ ସେମାନଙ୍କୁ ନିଜର ଚିନ୍ତାଧାରାକୁ ଉଦ୍ୟୋଗରେ ପରିଣତ କରି ବିକଶିତ ଓ ଆତ୍ମନିର୍ଭର ଭାରତ ଗଢ଼ିବାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# କେନ୍ଦୁଝରର ଲୁକ୍କାୟିତ ସୌନ୍ଦର୍ଯ୍ୟ
## ଶୂକ୍ରା ଝର ଜଳପ୍ରପାତ

ବାଂଶପାଳ ୨୬/୦୯ (ଡୋଳାନନ୍ଦ ମହାନ୍ତ)କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଖଣ୍ଡାଧାର ଜଳପ୍ରପାତଠାରୁ ମାତ୍ର ପ୍ରାୟ ୩ କିଲୋମିଟର ଦୂରରେ ପ୍ରକୃତିର କୋଳରେ ଲୁଚି ରହିଛି ଏକ ଅପୂର୍ବ ସୌନ୍ଦର୍ଯ୍ୟ—ଶୂକ୍ରା ଝର ଜଳପ୍ରପାତ । ବର୍ଷାଋତୁ ଆସିଲେ ଝରଣାର ଜଳଧାରା, ସବୁଜ ପାହାଡ଼ ଓ ଚାରିପାଖର ପ୍ରାକୃତିକ ପରିବେଶ ଏହି ସ୍ଥାନକୁ କରିଦିଏ ଆହୁରି ମନୋରମ । ଏଠାକୁ ଆସିଲେ ପ୍ରକୃତିର ନିରବତା ମଧ୍ୟରେ ଝରଣାର ଶବ୍ଦ ମନକୁ ଏକ ଅଲଗା ଶାନ୍ତି ଦିଏ । ତଥାପି ଏତେ ସୁନ୍ଦର ହୋଇଥିଲେ ମଧ୍ୟ ଶୂକ୍ରା ଝର ଏବେ ବି ଅନେକଙ୍କ ପାଇଁ ଅଜଣା ଓ ଅବହେଳିତ ।ଏହି ସ୍ଥାନକୁ ଯିବା ପାଇଁ ଭଲ ରାସ୍ତା, ଆବଶ୍ୟକୀୟ ଭିତ୍ତିଭୂମି ଓ ପର୍ଯ୍ୟଟନ ବିକାଶ କରାଗଲେ, ଶୂକ୍ରା ଝର କେନ୍ଦୁଝରର ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ । ଏହା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ।

# ଆରଟିଓ ଆପ୍‌କୁ କ୍ଲିକ କରି, ଠକାମୀର ଶିକାର ହେଲେ ଯୁବକ

ହାଟଡିହି: ୨୬/୯ ଅମୀୟ ବରାଳ – ମୋବାଇଲ୍‌କୁ ଆରଟିଓ ଆପ୍ ନାମରେ ଆସିଥିବା ଏକ ଲିଙ୍କକୁ କ୍ଲିକ କରି ଜଣେ ଯୁବକ ଠକାମୀର ଶିକାର ହୋଇଥିବା ଜଣାପଡ଼ିଛି । ହାଟଡିହି ବ୍ଲକ ନନ୍ଦିପଦା ଥାନା ଶାଳନିଆଁ ଗ୍ରାମର ଧରଣୀଧର ବାରିକଙ୍କ ପୁଅ ପ୍ରଦୀପଙ୍କ ମୋବାଇଲ ଫୋନର ହ୍ୱାଟ୍ସଅପକୁ ଆରଟିଓ ବିଭାଗୀୟ ଆପ୍ ଲିଙ୍କ ମେସେଜ ଡିସପ୍ଲେ ହୋଇଥିଲା । ଏହାକୁ ସେ କ୍ଲିକ କରିବାରୁ ଫାଇଲ୍ ଡାଉନଲୋଡ ହୋଇଥିଲା । ଏହାକୁ ସାଇବର କ୍ରାଇମ୍ ନିଜ ଅକ୍ତିଆରକୁ ନେବା ସହିତ ଦୁଇ ଦିନ ଭିତରେ ଗତ ୨୨ତାରିଖରେ ପ୍ରଥମେ ୫୦ହଜାର ପରେ ୪୯ହଜାର ୯୯୯ଟଙ୍କା ପ୍ରଦୀପଙ୍କ ଆକାଉଣ୍ଟରୁ କଟି ଯାଇଥିଲା । ସେହିପରି ୨୩ ତାରିଖରେ ୧୦ ହଜାର କରି ଦୁଇ ଥର ଓ ୨୭ହଜାର ୫୦୦ଟଙ୍କା କ୍ରମଶଃ ଆକାଉଣ୍ଟ୍ ରୁ କଟି ଯାଇଥିଲା । ଅନ୍ୟ ଉପାୟ ନପାଇ ପ୍ରଦୀପ ଗତକାଲି ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ । ଏନେଇ ନନ୍ଦିପଦା ପୋଲିସ୍ କେଶ୍ ନଂ ୩୬୩/୨୦୨୬ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି କହିଛନ୍ତି ।

# ପ୍ରତାରଣା କରି ଯୁବକ ଜେଲଗଲେ

କେନ୍ଦୁଝର:୨୬/୦୯(ଦିଲ୍ଲୀପ କୁମାର ସାହୁ) – ଅତିରିକ୍ତ ଜିଲ୍ଲା ଓ ସେସନସ (ଫାଷ୍ଟଟ୍ରାକ) କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଗତ ଶୁକ୍ରବାର ଦିନ ଏକ ବଳାତ୍କାର ଏବଂ ପ୍ରତାରଣା ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି । ଦୈତାରୀ ଥାନା ଅଞ୍ଚଳର ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ଜିଲ୍ଲା ଟାଙ୍ଗି ଥାନା ଭଗତପୁର ଗ୍ରାମର କୁଶିଆ ଓରଫ କୁଶଭଦ୍ରା ମହାରଣା (୨୭)କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା ଆଦେଶଦେଇଛନ୍ତି । ଜରିମାନା ଅନାଦେୟ କୁଶିଆ ଓରଫ କୁଶଭଦ୍ରା ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ ରହିଛି । ପ୍ରାପ୍ତ ସୂଚନାନୁଯାୟୀ, କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଭାଟିସାହି ଗ୍ରାମର ଜଣେ ୨୬ ବର୍ଷିୟା ଯୁବତୀ ନିଜ ସାନଭାଇ ସହିତ ଘରେ ରହୁଥିଲେ । ଗତ ୨୦୨୫ ମସିହା ଜାନୁଆରୀ ମାସ ୧୫ ତାରିଖ ଦିନ ମକର ପର୍ବ ଅନୁଷ୍ଠିତ ହେଉଥିବା ବେଳେ, ଯୁବତୀଙ୍କ ସାନଭାଇ ଘରେ ଅନୁପସ୍ଥିତ ଥିବାରୁ ଯୁବତୀ ଜଣକ ଏକୁଟିଆ ଘରେ ଶୋଇଥିଲେ ଏଂ ଅଭିଯୁକ୍ତ କୁଶିଆ ରାତି ପ୍ରାୟ ୧୨ ଘଟିକାରେ ଘରେ ପ୍ରବେଶକରି ଯୁବତୀ ଜଣକୁ ବଳପୂର୍ବକ ବଳାତ୍କାର କରିଥିଲା । ଏହି ଅଭାବନୀୟ ଘଟଣା ପରେ ଯୁବତୀ ଜଣକ କାନ୍ଦିବାରୁ ଅଭିଯୁକ୍ତ କୁଷିଆ ମୁଁ ଭୁଲ କରିଛି, ତେଣୁ ମୁଁ ତମକୁ୍ୱାହ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲା ଏବଂ ଏହି ଘଟଣା ସମ୍ବନ୍ଧରେ ଅନ୍ୟ କାହାକୁ କହିବନି, କହିଲେ ତମର ସାନଭାଇକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା ଓ ଏକ ମାସ ମଧ୍ୟରେ୍ୱାହ କରିବ ବୋଲି କହିଥିଲା । ପରେ ବିଭିନ୍ନ ବାହାନା ଦେଖାଇ ବିବାହକୁ ଆଡ଼େଇ ଯୁବତୀଙ୍କ ସହ ନିରୋଳା ସ୍ଥାନରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା ଏବଂ ବାରମ୍ବାର ଶାରୀରିକ ସମ୍ପର୍କ ଯୋଗୁ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ । ଏହା ଅଭିଯୁକ୍ତ କୁଶିଆକୁ କହିବାରୁ ସେ୍ୱାହ ପୁର୍ବରୁ ସନ୍ତାନ ପ୍ରସବ ଭଲନୁହେଁ କହି ଯୁବତୀଙ୍କର ଗର୍ଭପାତ କରାଇଥିଲା । ଏହି ଘଟଣାରେ ଯୁବତୀ ଜଣକ୍ୱାହ ନକରିବା ଦୁଃଖରେ ମ୍ରିୟମାଣ ହୋଇ ୨୦୨୫ ମସିହା ମେ ମାସ ୨୫ ତାରିଖରେ ଆତ୍ମହତ୍ୟା କରିବାକୁ ଘରୁ ଚାଲିଯାଇଥିଲେ । ଏ ସମ୍ବନ୍ଧରେ ଗ୍ରାମବାସୀ ଖବରପାଇ ଯୁବତୀକୁ ଉଦ୍ଧାର କରିବା ସହିତ ଉଭୟଙ୍କୁ ନେଇ ମନ୍ଦିରକୁ ଯାଇ ବିବାହ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ରାତି ହୋଇଯାଇଥିବାରୁ ମନ୍ଦିରରେ ବୈବାହିକ କର୍ମ ସମ୍ଭବ ହୋଇ ନଥିଲା । ତେଣୁ ସେମାନଙ୍କର୍ୱାହ ଆନନ୍ଦପୁର କୋର୍ଟରେ ମେ ମାସ ୨୭ ତାରିଖରେ ସମ୍ପନ୍ନ ହୋଇଥିଲା । କୋର୍ଟ୍ୱାହ ପରେ ଅଭିଯୁକ୍ତ କୁଶିଆ ଯୁବତୀଙ୍କୁ ବିଭିନ୍ନ ପ୍ରକାରର ଧମକଚମକ ଦେଇ ସମ୍ପର୍କ ରଖିନଥିଲା । ଏନେଇ ଦୈତାରୀ ଥାନାରେ ଅଭିଯୋଗ ପରେ କେସ ନଂ ୯୯/ ତା –୨୭/୦୯/୨୦୨୬ ରିଖରେ ମାମଲା ରୁଜୁ କରି କୁଶିଆକୁ ଦୈତାରୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଅଦାଲତରେ ୧୫ ଜଣ ସାକ୍ଷୀ ଉପସ୍ଥିତ ହୋଇ ଜମାନବନ୍ଦୀ ଦେଇଥିଲେ । ସାକ୍ଷୀଙ୍କ ବୟାନ ଏବଂ ସ୍ୱତନ୍ତ୍ର ସରକାରୀ ଓକିଲ ପତିତପାବନ ନାଥଙ୍କ ବଳିଷ୍ଠ ଯୁକ୍ତିକୁ ଆଧାର କରି ଅଦାଲତ କୁଶିଆକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହାସହିତ ପୀଡ଼ିତାକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଅଦାଲତ ଆଇନ ସେବା ପ୍ରାଧୀକରଣକୁ ସୁପାରିଶ କରିଛନ୍ତି ।

# ସତ୍ୟନାରାୟଣ ବିଦ୍ୟାପୀଠରେ ଜିଲ୍ଲା ସ୍ତରୀୟ ଯୋଗ ଓ ଚେସ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର:୨୬/୦୯(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠରେ ଆଜି ଜିଲ୍ଲା ସ୍ତରୀୟ ଚେସ୍ ଓ ଯୋଗ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାରାଣୀ ସାହୁ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଅଖିଳ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଟିକିରା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭ୍ରମରବର ମଲ୍ଲିକ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ସଞ୍ଜୟ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଖଇର ନାୟକ, ଢେଙ୍କିକୋଟ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିତାରାଣୀ ନାଏକ, ସିଆରସିସି ଜିତେନ୍ଦ୍ର କୁମାର ଗିରି ଓ କ୍ରୀଡ଼ା ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗଦାନ କରିଥିଲେ । କାର୍ଯକ୍ରମକୁ ପରିଚାଳନା



କରିଥିଲେ ସାମ୍ବାଦିକ ସଞ୍ଜୟ କୁମାର ସାହୁ । ଅତିଥି ମାନେ କ୍ରୀଡାର ଗୁରୁତ୍ୱ ଓ ଶିକ୍ଷା ସହିତ କ୍ରୀଡାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ସାଂସଦ ଅନନ୍ତ ନାଏକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଛାତ୍ରଛାତ୍ରୀ ମାନେ କିପରି ଜାତୀୟ ସ୍ତରରେ ନିଜର ପ୍ରତିଭାର ବିକଶିତ କରିବେ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚେସ୍ ରେ ୩୩ ଜଣ ଯୋଗ ରେ ୪୦ ଜଣ, ସର୍ବମୋଟ ୭୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଲଗାଣ ବର୍ଷାରେ କେସିଙ୍ଗା ରେଲୱେ ଅଣ୍ଡରବ୍ରିଜ୍ ଜଳମଗ୍ନ

# ଫ୍ଲାଏଓଭର ଦାବିରେ ତେଜିଲା ଅସନ୍ତୋଷ

କେସିଙ୍ଗା, ୨୬/୦୯ (ଅକ୍ଷର ଓଡ଼ିଶା): ଲଗାଣ ବର୍ଷା ଯୋଗୁ କେସିଙ୍ଗା ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ, କେସିଙ୍ଗାର ମୁଖ୍ୟ ରେଲୱେ ଅଣ୍ଡରବ୍ରିଜ୍‌ରେ ବର୍ଷା ଓ ତେଲନଦୀର ଜଳ ପ୍ରବେଶ କରିବା ଯୋଗୁ ଯାତାୟାତ ବ୍ୟାହତ ହୋଇଛି। ଅଣ୍ଡରବ୍ରିଜ୍‌ରେ ପାଣି ଜମି ରହିବା ଯୋଗୁ ଦୁଇଚକିଆ ଯାନ, ଅଟୋ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ବର୍ଷା ଋତୁରେ ଏହି ଅଣ୍ଡରବ୍ରିଜ୍‌ରେ ଜଳ ଜମିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଫଳରେ ଅଣ୍ଡରବ୍ରିଜ୍ ଦେଇ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ସମସ୍ୟା ଦିନକୁ ଦିନ ବଢୁଛି। ବିଶେଷକରି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ, ରୋଗୀ ଓ ଅନ୍ୟାନ୍ୟ ଯାନବାହନର ଯାତାୟାତ ନେଇ ଚିନ୍ତା ପ୍ରକାଶ ପାଇଛି।ଅନ୍ୟପଟେ, ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ରେତ ନଦୀ ଓ ହାତୀ ନଦୀର ଜଳପ୍ରବାହ ବୃଦ୍ଧି ପାଇ ତେଲନଦୀରେ ମଧ ଜଳସ୍ତର ବଢ଼ିଥିବାରୁ ନଦୀକୂଳିଆ ଅଞ୍ଚଳରେ ଚିନ୍ତା ବଢ଼ିଛି। ଏଭଳି ସମୟରେ ଅଣ୍ଡରବ୍ରିଜ୍‌ରେ ବର୍ଷା ଓ ତେଲନଦୀର ଜଳ ପ୍ରବେଶ କରିବା ସମସ୍ୟାକୁ ଆହୁରି ଗୁରୁତର କରିଦେଇଛି।ବାରମ୍ବାର ଦାବି, ମିଳିଛି ପ୍ରତିଶ୍ରୁତି; ହେଲେ କାମ କେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେସିଙ୍ଗା ସଚେତନ ନାଗରିକ ମଞ୍ଚ, କେସିଙ୍ଗା ବିକାଶ ମଞ୍ଚ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବାରମ୍ବାର ରେଲୱେ ଓ ଜାତୀୟ ରାଜପଥ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ଅଣ୍ଡରବ୍ରିଜ୍‌ରେ ତେଲନଦୀ ଓ ବର୍ଷାଜଳ ପ୍ରବେଶ କରୁଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯଥାଯଥ ଜଳନିଷ୍କାସନ ବ୍ୟବସ୍ଥା ଓ ଡ୍ରେନ୍ ନିର୍ମାଣ ନିମନ୍ତେ ସଂଗଠନଗୁଡ଼ିକ ପକ୍ଷରୁ ଲିଖିତ ଦାବିପତ୍ର ମଧ ପ୍ରଦାନ କରାଯାଇଥିବା କୁହାଯାଇଛି।



## ଆଇଟିଆଇ ହଷ୍ଟେଲରେ ଥମିଗଲା ୧୭ ବର୍ଷର ରୋହନଙ୍କ ଜୀବନ

# କର୍ମଚାରୀଙ୍କ ମାନସିକ ନିର୍ଯାତନା ଅଭିଯୋଗ

ରାଇଘର୨୬/୦୯(ଭୁବନେଶ୍ୱର ସୁନାନୀ)ଯେଉଁ ବୟସରେ ଆଖିରେ ଥାଏ ଅନେକ ସ୍ୱପ୍ନ, ପାଠପଢ଼ା ସହ ନିଜ ଭବିଷ୍ୟତ ଗଢ଼ିବାର ଆଶା ସେହି ବୟସରେ ଅଚାନକ ଥମିଗଲା ୧୭ ବର୍ଷର ରୋହନ ସାହୁଙ୍କ ଜୀବନ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରାସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ହଷ୍ଟେଲରୁ ଗୁରୁବାର ବିଳମ୍ବିତ ରାତିରେ ରୋହନଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି।ମୃତ ଛାତ୍ର ହେଲେ ରାଇଘର ଥାନା ଅନ୍ତର୍ଗତ ହଳଦୀ ପଞ୍ଚାୟତର ପୂଜାରୀପାରା ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁଅ ରୋହନ ସାହୁ। ସେ ଗଞ୍ଜାପାରା ଆଇଟିଆଇରେ ଫିଟର ଟ୍ରେଡ୍‌ର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ।ସୂଚନା ଅନୁଯାୟୀ, ରୋହନ ଗତ କିଛିଦିନ ଧରି ହଷ୍ଟେଲର ଏକ ରୁମ୍‌ରେ ଏକୁଟିଆ ରହୁଥିଲେ। ଗୁରୁବାର ଦିନ ପ୍ରାୟ ୨ଟାରୁ ସେ ନିଜ ରୁମ୍‌ରେ ରହି କବାଟ ବନ୍ଦ କରିଥିଲେ। ରାତି ପ୍ରାୟ ୯ଟା ସମୟରେ ହଷ୍ଟେଲର ରୋଷେଇଆ କବାଟ ବାଡ଼େଇଥିଲେ ମଧ ଭିତରୁ କୌଣସି ପ୍ରତିକ୍ରିୟା ମିଳିନଥିଲା। ପରେ ରାତି ପ୍ରାୟ ୧୨ଟା ସମୟରେ ତାଲିମ କେନ୍ଦ୍ର ଓ ହଷ୍ଟେଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ କବାଟ ଖୋଲିବା ପରେ ରୋହନଙ୍କ ମୃତଦେହ ଉଦ୍ଧାର ହୋଇଥିଲା।ଘଟଣାର ଖବର ପାଇ ରାତି ପ୍ରାୟ ୩ଟା ସମୟରେ ପରିବାର ଲୋକେ ହଷ୍ଟେଲରେ ପହଞ୍ଚିଥିଲେ। ପୁଅର ମୃତ୍ୟୁ ଖବର ପରିବାର ପାଇଁ ଯେପରି ଆକାଶ ଭାଙ୍ଗି ପଡ଼ିବା ସଦୃଶ ହୋଇଥିଲା। ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିବା ପରିବାର ଘଟଣାର ପ୍ରକୃତ କାରଣ ନେଇ ପ୍ରଶ୍ନ ଉଠାଇଛି।ରୋହନଙ୍କ ବାପା ନରେନ୍ଦ୍ର ସାହୁଙ୍କ ଅଭିଯୋଗ ଅନୁଯାୟୀ, ଆଇଟିଆଇର କିଛି କର୍ମଚାରୀ ଓ ଶିକ୍ଷକ ଦୀର୍ଘଦିନ ଧରି ରୋହନଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ପୁଅ ଫୋନ୍‌ରେ ପରିବାର ସହ କଥା ହେବା ସମୟରେ ତାଙ୍କ ସହ ଅନୁଷ୍ଠାନରେ ହେଉଥିବା ଅସୁବିଧା ସମ୍ପର୍କରେ କହୁଥିବାରୁ ପରିବାର ଏହା ଜାଣିଥିବା ଦାବି କରିଛି।ନରେନ୍ଦ୍ର ସାହୁ ରାଇଘର ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ତାଙ୍କ ଅଭିଯୋଗ ହେଉଛି, ଏହା ସାଧାରଣ ଆତ୍ମହତ୍ୟା ଘଟଣା ନୁହେଁ; ପୁଅଙ୍କୁ ହତ୍ୟା କରାଯାଇ ଘଟଣାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି। ତେଣୁ ଘଟଣାର ସମସ୍ତ ଦିଗକୁ ଯାଞ୍ଚ କରି ସତ୍ୟ ସାମ୍ନାକୁ ଆଣିବା ସହ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ପରିବାର ଦାବି କରିଛି।

## ଆସିକାକୁ ଋଷିକୂଲ୍ୟା ଜିଲ୍ଲା ଘୋଷଣା ପାଇଁ ବିଧାୟକଙ୍କ ଦାବି

ଆସିକା, ୨୬/୦୯/(ଅକ୍ଷର ଓଡିଶା ) ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ ପରିଚିତ ଆସିକାକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରିବାକୁ ବିଧାନସଭାରେ ଦାବି ଉଠାଇଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ। ନିଜ ବିଧାନସଭା ନିର୍ବାଚନମଣ୍ଡଳୀ ସମ୍ପର୍କିତ ଆଲୋଚନା ସମୟରେ ବିଧାୟକ ଏହି ଦାବି ଉପସ୍ଥାପନ କରିଥିଲେ।ବିଧାୟକ ଦର୍ଶାଇଥିଲେ ଯେ, ଆସିକାରେ ଶତାୟୁ ବର୍ଷର କୋର୍ଟ, ପିଏମ୍ ଶ୍ରୀ ହାଇସ୍କୁଲ, କୃଷି ଜିଲ୍ଲା କାର୍ଯ୍ୟାଳୟ, ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅନୁଷ୍ଠାନ ରହିଛି। ଏହାସହ ଏସିଆ ମହାଦେଶରେ ପରିଚିତ ଚିନି ଶିଳ୍ପ, ଦକ୍ଷିଣ ଭାରତରେ ପରିଚିତ କୁଷ୍ଠରୋଗ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଉତ୍କଳ ଆୟୁର୍ବେଦିକ ଫାର୍ମାସୀ, ପୋଷ୍ଟାଲ ଅଧିକ୍ଷକ କାର୍ଯ୍ୟାଳୟ, ବିଜ୍ଞାନ କଲେଜ, ମହିଳା ମହାବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟ ଭଳି ଅନୁଷ୍ଠାନ ରହିଛି।ସେହିପରି ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, କାଡା, ଉଠା ଜଳସେଚନ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କାର୍ଯ୍ୟାଳୟ, ଏସ୍‌ଡିଓ କାର୍ଯ୍ୟାଳୟ, ରେଞ୍ଜର କାର୍ଯ୍ୟାଳୟ, ଉପଖଣ୍ଡ ଆରକ୍ଷୀ କାର୍ଯ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଅନେକ ସୁବିଧା ଆସିକାରେ ଉପଲବ୍ଧ ରହିଛି। ଏତେସବୁ ଭିତ୍ତିଭୂମି ଓ ପ୍ରଶାସନିକ ସୁବିଧା ଥିବା ସତ୍ତ୍ୱେ ଆସିକା ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତାରୁ ବଞ୍ଚିତ ରହିଥିବା ବିଧାୟକ ଗୃହରେ ଉଲ୍ଲେଖ କରିଥିଲେ।ଏହା ପରେ ଆସିକାକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପ୍ରଦାନ ଦାବି ପୁଣିଥରେ ଜୋର ଧରିବା ସମ୍ଭାବନା ଦେଖାଦେଇଛି।

## ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି

# ୨ଟି ବ୍ଲକର ୩୬ଟି ଗ୍ରାମ/ୱାର୍ଡ ପ୍ରଭାବିତ

ଯାଜପୁର, ୨୬/୦୯ (ଅକ୍ଷର ଓଡ଼ିଶା)ଲଘୁଚାପ ଓ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଗତକାଲି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।୨୬ ସେପ୍ଟେମ୍ବର ୨୦୨୬ ପୂର୍ବାହ୍ନ ୧୧ଟା ସୁଦ୍ଧା ଜିଲ୍ଲାର ଦଶରଥପୁର ଓ ବିଞ୍ଝାରପୁର ବ୍ଲକର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ମୋଟ ୨ଟି ବ୍ଲକ, ୧୨ଟି ଗ୍ରାମ ପଞ୍ଚାୟତ/ୟୁଏଲ୍‌ବି ଏବଂ ୩୬ଟି ଗ୍ରାମ/ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୬୭,୧୪୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।ବନ୍ୟା ପ୍ରଭାବିତ ଅଞ୍ଚଳରେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨ଟି ମେଡିକାଲ୍ ଆସିଷ୍ଟାନ୍ସ ଟିମ୍ ମୁତୟନ କରାଯାଇଥିବା ବେଳେ ୯ଟି ମେଡିକାଲ୍ କ୍ୟାମ୍ପ ଆୟୋଜିତ ହୋଇଛି। ଔଷଧ, ଆଣ୍ଟି-ସ୍ନେକ୍ ଭେନମ୍, ଡ଼ଜଝ ଓ ଓଠ ଫ୍ଲୁଇଡ୍‌ର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇଛି।ବନ୍ୟାରେ ପଶୁସମ୍ପଦ ମଧ ପ୍ରଭାବିତ ହୋଇଛି। ରିପୋର୍ଟ ଅନୁଯାୟୀ, ୧୨,୭୫୪ଟି ପଶୁ ପ୍ରଭାବିତ ହୋଇଥିବା ବେଳେ ୧ଟି ପଶୁ ଚିକିତ୍ସା ଦଳ ମୁତୟନ ଏବଂ ୨ଟି ପଶୁ ଚିକିତ୍ସା ଶିବିର ଆୟୋଜିତ ହୋଇଛି।ବର୍ତ୍ତମାନ ସୁଦ୍ଧା କୌଣସି ମାନବୀୟ ମୃତ୍ୟୁ ଘଟିନାହିଁ। ତେବେ ୧୯ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଥିବା ରିପୋର୍ଟ ମିଳିଛି। ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍‌ର ୧ଟି ଟିମ୍ ମୁତୟନ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବନ୍ୟା ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ଅର୍ଣ୍ଣବ'ଅଜାଡ଼ିଲା ଉଜାଡିଲା ଧୋଇନେଲା

# 'ବାଗ୍ରୀବେଢ଼ା ଯୋଗାଯୋଗ ବିଚ୍ଛିନ୍ନ'



ଦଶମନ୍ତପୁର.୨୬ /୯(କଇନ ଗରଡ଼ା) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ନନ୍ଦୀଗାଁ ପଞ୍ଚାୟତ ଅନ୍ତର୍ଗତ ବାଗ୍ରୀବେଢ଼ା ର ପୋଲର ଉଭୟ ପାର୍ଶ୍ୱ ଧୋଇଯିବା ଫଳରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ଗୁରୁତ୍ୱର ରୋଗୀ, ଗର୍ଭବତୀ ପୁଣି ଜରୁରୀ କାଳୀନ ବ୍ୟବସ୍ଥାକୁ ନେଇ ଏବେ ଚିନ୍ତାରେ ବାଗ୍ରୀବେଢ଼ା ଓ ତୋଟାଗୁଡ଼ା ଗ୍ରାମବାସୀ । ପଞ୍ଚାୟତ ଅନେକ ଗାଁ ରାସ୍ତାରେ ଗଛ ପଡ଼ିଥିବା ବେଳେ ନନ୍ଦୀଗାଁ ସରପଞ୍ଚ ନବୀନା ମୁଦୁଲିଙ୍କ ସ୍ୱାମୀ ସଂଜୀବ ମୁଦୁଲି ପ୍ରଭାବିତ ଅଞ୍ଚଳ ଭ୍ରମଣ କରି ଯାତାୟତ କୁ ସ୍ୱାଭାବିକ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ବାଗ୍ରୀବେଢ଼ା ପୋଲ ସମ୍ପୂର୍ଣ୍ଣ ଧୋଇଯିବା ଖବର ସଙ୍ଗେ ସଙ୍ଗେ ଆର.ଡ଼ି ବିଭାଗକୁ ଅବଗତ କରାଇଥିବା ଜଣାପଡିଛି ସେହିପରି ଫୁଲବେଢ଼ା ପଞ୍ଚାୟତରେ ୩ ଧରି ବିଦ୍ୟୁତ ସେବା ବନ୍ଦ ରହିଥିବାବେଳେ ଓଡ଼ପୁର ଠାରୁ ମାଝିଗୁଡ଼ା କୁ ସଂଯୋଗ କରୁଥିବା ପୋଲର ସାଇଡ଼ ୱାଲ୍ ବର୍ଷା ପାଣିରେ ଖାଇଯିବାରୁ ଯିବା ଆସିବାରେ ବାଧକ ସାଜିଛି । ଚିକାମ୍ବ ପଞ୍ଚାୟତ ଅନ୍ତର୍ଗତ ତୁନଖାଲ ଗାଁ ର ସନ୍ୟାସୀ ମୁଦୁଲି,ଯାଇମାତି ମୁଦୁଲି,ଦୁବୁଲି ମୁଦୁଲି,ଝିମଲା ମୁଦୁଲି ଏବଂ ବନାସିଲ୍ ଗାଁର ବୁଟି ମୁଦୁଲି ଙ୍କ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ସେହିଭଳି ପିଣ୍ଡପଦର ସଦର ପଞ୍ଚାୟତର ପଙ୍କଜ ହିଆଲ ଙ୍କ ଘର ମଧ ଭାଙ୍ଗି ଯାଇଛି । ସେହିପରି ଦୁଆରଶୁଣି ପଞ୍ଚାୟତ ସ୍ଥିତ ଚନ୍ଦେଇପଦର ମୁଖ୍ୟ ରାସ୍ତାରେ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ତାର ଛିଣ୍ଡି ଯାଇଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି ।

## ସେବା ହିଁ ସଙ୍କଳ୍ପ ସବୁଜ ପରିବେଶ ହିଁ ଆମର ଦାୟିତ୍ୱ



ନୂଆପଡ଼ା,୨୬/୦୯ (ଅକ୍ଷର ଓଡ଼ିଶା): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏକ ମାସ ବ୍ୟାପୀ ପାଳିତ ହେଉଥିବା "ସେବା ସଙ୍କଳ୍ପ ଅଭିଯାନ" ଅନ୍ତର୍ଗତ ଖଡ଼ିଆଳ ବ୍ଲକର ଖୁଦପେଜ ଗ୍ରାମପଞ୍ଚାୟତରେ "ସେବାରେ ମୋର ଯୋଗଦାନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୁଦପେଜ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଯଶୋଦା ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନପ୍ରତିନିଧିମାନେ ପରିବେଶର ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। "ଗଛଟିଏ ଆଜି ଚାରା, ଆସନ୍ତାକାଲି ଛାୟା" ବାର୍ତ୍ତା ସହ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।ଏହି ଅବସରରେ ମୁଖ୍ୟଅତିଥି ଖଡ଼ିଆଳପଞ୍ଚାୟତ ସମିତି ଅଧକ୍ଷା , ଅଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ନନ୍ଦ,ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝାକର ଉପାଧକ୍ଷ ଗୌତମ ତାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ, ନୂଆପଡା ଜିଲ୍ଲାର ବି ଜେ ପି ସାଧାରଣ ସମ୍ପାଦକ ଅଜିତ କିଶୋର ଚଳାନ ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆରପି, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସମାଜ ସ୍ୱେ୍ୱୀ ରାଧେଶ୍ୟାମ ଶତପଥୀ ଓ ଖୁଦପେଜ ଗ୍ରାମବାସୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ।

## ଚିଙ୍ଗୁଡ଼ିଖୋଲ ରାସ୍ତାରେ ଆଣ୍ଠୁଏ ପାଣି

### ବାରମ୍ବାର ଖବର ପ୍ରସାରଣ ସତ୍ତ୍ୱେ ହେଉନି କାର୍ଯ୍ୟକ୍ଷମ



ବେଗୁନିଆପଡା ୨୬/୦୯ ( ସିପ୍ରା ପଟନାୟକ) ବେଗୁନିଆପଡ଼ା,ବର୍ଷା ହେଲେ ଚିଙ୍ଗୁଡ଼ିଖୋଲ ମୁଖ୍ୟ ରାସ୍ତାରେ ଜମୁଛି ଅଣ୍ଠାଏ ପାଣି। ରାସ୍ତା ଉପରେ ଜଳବନ୍ଦୀ ସ୍ଥିତି ଯୋଗୁଁ ଯାନବାହାନ ଚଳାଚଳଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଯାତାୟତ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଅଞ୍ଚଳବାସୀଙ୍କ ପାଇଁ ବର୍ଷା ଦିନ ଦୁର୍ଦ୍ଦଶାର କାରଣ ପାଲଟିଛି। ଉସ୍ତାଳିର ଛାତ୍ରଛାତ୍ରୀ ଚିଙ୍ଗୁଡ଼ିଖୋଲକୁ ପାଠ ପଢ଼ିବାକୁ ଆସୁଥିବା ବେଳେ ଚିଙ୍ଗୁଡ଼ିଖୋଲର ଛାତ୍ରଛାତ୍ରୀ ମଧ କଲେଜ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ଷା ହେଲେ ରାସ୍ତାରେ ଜମିଯାଉଥିବା ପାଣି ଯାତାୟତରେ ବଡ଼ ବାଧା ସୃଷ୍ଟି କରୁଛି। ସବୁଠାରୁ ବଡ଼ କଥା ହେଉଛି, ଏହି ସମସ୍ୟାକୁ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ବର୍ଷା ଆସୁଛି, ରାସ୍ତାରେ ପାଣି ଜମୁଛି, ଲୋକେ ହନ୍ତସନ୍ତ ହେଉଛନ୍ତି , କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହା ଏବେ ବଡ଼ ପ୍ରଶ୍ନ। ଲୋକେ ପାଣିରେ ଯାତାୟତ କରୁଛନ୍ତି, ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଖବର ପ୍ରସାରଣ ପରେ ବି ଯଦି ପ୍ରଶାସନର ନିଦ ଭାଙ୍ଗୁନି, ତେବେ ଆଉ କେତେ ଦିନ ଏଭଳି ଦୁର୍ଦ୍ଦଶା ଭୋଗିବେ ଅଞ୍ଚଳବାସୀ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସହ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ୫୨ କେଜି ଗଞ୍ଜେଇ ଜବତ

### ଗାଡ଼ିର ସିକ୍ରେଟ୍ ଚ୍ୟାମ୍ବରରେ ଲୁଚାଇ ଚାଲାଣ ବେଳେ ଧରାପଡ଼ିଲେ ୫ ଅଭିଯୁକ୍ତ



ବାଲିଗୁଡା ୨୬/୯: (ଅକ୍ଷର ଓଡିଶା) କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଗଞ୍ଜେଇ ଚାଲାଣ ଅଭିଯୋଗରେ ଏକ ମାରୁତି ବ୍ରେଜା ଗାଡ଼ିରୁ ୫୨ କେଜି ଗଞ୍ଜେଇ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରିଛି ପୁଲିସ। ଏହି ଘଟଣାରେ କୋଟଗଡ଼ ଥାନାରେ ମାମଲା ରୁଜୁ ହୋଇଛି।ପୁଲିସ ସୂଚନା ଅନୁସାରେ ଗଞ୍ଜେଇ ଚାଲାଣକାରୀମାନେ ଗାଡ଼ିର ସିଟ୍ ତଳେ ଥିବା ଏକ ଗୁପ୍ତ ଚ୍ୟାମ୍ବର ମଧ୍ୟରେ ଗଞ୍ଜେଇ ପ୍ୟାକେଟ୍‌ଗୁଡ଼ିକୁ ଲୁଚାଇ ରଖିଥିଲେ। ଏହି ଗଞ୍ଜେଇକୁ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ପୁଲିସକୁ ମିଳିଥିବା ସୂଚନା ଆଧାରରେ କେଶରଗୁଡ଼ା ଛକ ନିକଟରେ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରାଯାଇଥିଲା।ଯାଞ୍ଚ ସମୟରେ ଗାଡ଼ିର ଗୁପ୍ତ ଚ୍ୟାମ୍ବରରୁ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ପୁଲିସ ୫୨ କେଜି ଗଞ୍ଜେଇ ସହ ଏକ ମାରୁତି ବ୍ରେଜା ଗାଡ଼ି, ୫ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୪,୩୦୦ ଟଙ୍କା ଜବତ କରିଛି।ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବିହାରର ରୋହତାସ ଜିଲ୍ଲା ନୋଖା ଥାନା ଅନ୍ତର୍ଗତ ଦୁଧାର ଗ୍ରାମର ଆୟୁଧ ଚୌଧୁରୀଙ୍କ ପୁଅ ସନ୍ତୋଷ କୁମାର ଓ ସୁରଜ ଚୌଧୁରୀଙ୍କ ପୁଅ ସଞ୍ଜୟ ଚୌଧୁରୀ। ସେହିପରି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଲାଇନପଡ଼ାର ସୁରେନ୍ଦ୍ର ପରାସେଠଙ୍କ ପୁଅ ବୈକୁଣ୍ଠ ପରାସେଠ ଓ ପିତାମ୍ବର ମାନସେଠଙ୍କ ପୁଅ ବୈଷ୍ଣବ ମାନସେଠ ଏବଂ କୋଟଗଡ଼ ଥାନା ଅନ୍ତର୍ଗତ ରାଡ଼ିଗୁମା ଗ୍ରାମର ସ୍ୱର୍ଗତ ସୁନା ବଡ଼ାସେଠଙ୍କ ପୁଅ ଅଜୁ ବଡ଼ାସେଠ।

## ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ଭୂସ୍ଖଳନ ଅଞ୍ଚଳର ସ୍ଥିତି ଅନୁଧ୍ୟାନ



ପାରଳାଖେମୁଣ୍ଡି ୨୬/୦୯ (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଅର୍ଣ୍ଣବ ବାତ୍ୟା ଯୋଗୁଁ ପ୍ରବଳ ବର୍ଷାରେ ଭୂସ୍ଖଳନ ହୋଇ ପାହାଡ଼ରୁ ମାଟି ଅତଡ଼ା ସହ ବଡ଼ ବଡ଼ ପଥର ଖଣ୍ଡ ରାସ୍ତା ଉପରେ ପଡିବା ଅଞ୍ଚଳ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପରିସ୍ଥିତିର ସମୀକ୍ଷା ଓ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ.ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲ୍ଲା ଗସ୍ତ କରି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରିବା ସହ ଏହାର ସବିଶେଷ ରିପୋର୍ଟ ସେ ରିଲିଫ୍ କମିଶନରଙ୍କୁ ପ୍ରଦାନ କରିବେ ବୋଲି ସୂଚନା ମିଳିଛି. ଅତିରିକ୍ତ ସଚିବଙ୍କ ଏହି ଗସ୍ତ ସମୟରେ ସେ ମୋହନା, ଆ଼ର.ଉଦୟଗିରି, ନୂଆଗଡ଼ ଓ ରାୟଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବର୍ଷା ଜନିତ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା, ଲୋକଙ୍କ ସୁରକ୍ଷା, ଉଦ୍ଧାର ଓ ସ୍ଥାନାନ୍ତରଣ ସହ ରିଲିଫ୍ ବ୍ୟବସ୍ଥା ଆଦି ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନ୍ନାଗା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ସମ୍ପୃକ୍ତ ବ୍ଲକର ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଞ୍ଜ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି

### ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ



ପାତ୍ରପୁର, ୨୬/୦୯/(ଅକ୍ଷର ଓଡିଶା ): ଲଘୁଚାପଜନିତ ଲଗାଣ ବର୍ଷାରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ କାର୍ଯ୍ୟାଳୟକୁ ଯାତାୟାତ ସହ ଦୈନନ୍ଦିନ ସରକାରୀ କାର୍ଯ୍ୟ ମଧ ପ୍ରଭାବିତ ହେଉଥିବା ଜଣାପଡ଼ିଛି।ସ୍ଥାନୀୟଙ୍କ କହିବାନୁଯାୟୀ, କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୂର୍ତ୍ତ ବିଭାଗର ରାସ୍ତା ପୂର୍ବାପେକ୍ଷା ଉଚ୍ଚ ହୋଇଥିବାରୁ ରାସ୍ତା ଉପରେ ଜମୁଥିବା ବର୍ଷାଜଳ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରୁଛି। ଅନ୍ୟପକ୍ଷରେ, ପରିସରରୁ ବର୍ଷାଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ପାଣି ଦୀର୍ଘ ସମୟ ଧରି ଜମି ରହୁଥିବା ଅଭିଯୋଗ ହୋଇଛି।ପୂର୍ବରୁ ରେଞ୍ଜ କାର୍ଯ୍ୟାଳୟ ପ୍ରାଚୀର ପାର୍ଶ୍ୱରେ ଥିବା ଖାଲି ପଡ଼ିଆ ଦେଇ ବର୍ଷାଜଳ ନିଷ୍କାସିତ ହେଉଥିଲା। ତେବେ ବର୍ତ୍ତମାନ ଉକ୍ତ ଜମିରେ ମାଟି ପକାଇ ଉଚ୍ଚ କରାଯାଇଥିବାରୁ ପାଣି ନିଷ୍କାସନର ପଥ ବାଧାପ୍ରାପ୍ତ ହୋଇଥିବା ସ୍ଥାନୀୟମାନେ କହିଛନ୍ତି। ଏହାର ପରିଣାମରେ ବର୍ଷା ହେଲେ କାର୍ଯ୍ୟାଳୟ ପରିସର ଜଳମଗ୍ନ ହୋଇପଡୁଛି।ଏଭଳି ସ୍ଥିତିରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି। କାର୍ଯ୍ୟାଳୟ ପରିସରକୁ ଆବଶ୍ୟକ ଉଚ୍ଚ କରିବା ସହ ଫାଟକଠାରୁ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ଏବଂ ସୁବ୍ୟବସ୍ଥିତ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟମାନେ ଦାବି କରିଛନ୍ତି।

## ଭରା ପାଣିରେ ବିପଦପୂର୍ଣ୍ଣ ଯାତ୍ରା

### ଅଘଟଣକୁ ନିମନ୍ତ୍ରଣ ବିଭିନ୍ନ ପୋଲ ଉପରେ ପାଣି

ହରିଚନ୍ଦନପୁର ୨୬/୯(ଶୂନ୍ୟରଞ୍ଜନ ଘଣା ) : ଲଗାଣ ବର୍ଷା ପ୍ରଭାବରେ ହରିଚନ୍ଦନପୁର ବ୍ଲକ୍ ଦୈତାରି ଓ ବରେଇଗୋଡ଼ା ପଞ୍ଚାୟତର ବିଭିନ୍ନ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହୋଇଛି। ଦୈତାରି ପୁରୁଣା ବଜାର ପୋଲ ଉପରେ ୨ ଫୁଟର ବର୍ଷାଜଳ ପ୍ରବାହିତ ହେବାରୁ ପୋଲ ପାର ହେବା ପାଇଁ ଉଭୟ ପାର୍ଶ୍ୱରେ ଯାନବାହନ ସହ ସାଧାରଣ ଲୋକ ଦୀର୍ଘସମୟ ଧରି ଅପେକ୍ଷା କରି ରହିଥିଲେ। କ୍ଷିପ୍ର ଜଳସ୍ରୋତ ଯୋଗୁଁ କୂଳ ଧୋଇହୋଇ ଯାଇଛି। ନାଳ ନିକଟରେ ଥିବା ଦୋକାନ ଘର ଓ ଅନ୍ୟ ଘର ପ୍ରତି ବିପଦ ସୃଷ୍ଟି ହୋଇଛି। କିଛି ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ବରେଇଗୋଡ଼ା ପଞ୍ଚାୟତର ଛତିଘାଟିଆ ନାଳ ଉପରେ ବର୍ଷାଜଳ ପ୍ରବାହିତ ହୋଇଛି। ରାସ୍ତା ପାର ହୋଇ ନପାରି ପୋଲର ଉଭୟ ପାର୍ଶ୍ୱରେ ଲୋକମାନେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ସ୍ଥାନୀୟ ଲୋକଙ୍କ ବାରଣ ସତ୍ତ୍ୱେ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ନାଳ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି।

## ଲଗାଣ ବର୍ଷାରେ ପୁରୁଣା କଟକ ସମ୍ବଲପୁର ରାସ୍ତାରେ ୬ଫୁଟର ପାଣି



ପୋଖରୀ ଠାରେ ସାପୁଆ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା କାରଣରୁ ବନ୍ଧ ଭାଙ୍ଗି ଘାଇ ସୃଷ୍ଟି ହେଇଛି। ମୁଖ୍ୟ ରାସ୍ତା ଉପରେ ବନ୍ୟା ଜଳ

ଆଠଗଡ଼, ୨୬/୯ (ଅକ୍ଷର ଓଡ଼ିଶା) ଲଗାଣ ବର୍ଷା ଯୋଗୁଁ ସାପୁଆ ନଦୀରେ ୫ମ ଥର ପାଇଁ ବନ୍ୟା ଜଳ ପ୍ରବାହିତ ହେଇଛି। ବନ୍ୟା ଜଳ ପ୍ରବାହିତ ହେବା କାରଣରୁ କଟକ ସମ୍ବଲପୁର ରାସ୍ତା ଜଳମଗ୍ନ। ଆଠଗଡ଼ ବ୍ଲକ ଅନ୍ତର୍ଗତ ମାଧପୁର ଗଡା ମୁଖ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଇଛି। ମୁଖ୍ୟ ରାସ୍ତା ଉଚ୍ଚତା ନହେବା କାରଣରୁ ଏହି ସମସ୍ୟା ବାରମ୍ବାର ଉପୁଜିଛି ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ଏହି ରାସ୍ତାକୁ ଦୈନିକ କାର୍ଯ୍ୟ ପାଇଁ ନିର୍ଭର କରୁଥିବା ୧୦ ରୁ ଉର୍ଦ୍ଧ ଗାଁର ଜନସାଧାରଣ ମାନେ ଅସୁବିଧା ସମୁଖୀନ ହେଉଛନ୍ତି। ଅନ୍ୟପଟେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କନ୍ଟୋଲ ବାରବାଟି ପ୍ରବାହିତ ହେବା କାରଣରୁ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି। ଏକର ଏକର ଚାଷଜମି ଜଳମଗ୍ନ ହୋଇଥିବା କାରଣରୁ ଚାଷୀଙ୍କ ମହଲରେ ଏକ ପ୍ରକାର ଚିନ୍ତା ବଢ଼ାଇଛି। ହଜାର ହଜାର ଜନସାଧାରଣ ଏହି ରାସ୍ତାକୁ ବ୍ୟବହୃତ କରୁଥିବା ବେଳେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଘାଇକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣତଃ ଦାବି ଉଠିଛି। ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ କନ୍ଟୋଲ ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱନାଥଶ୍ୱର ଶୈବ ମନ୍ଦିର ଭିତରେ ପ୍ରଭାବିତ ହେଇଛି ବନ୍ୟା ଜଳ। ବନ୍ୟା ଜଳ ପ୍ରବାହିତ ହେବା କାରଣରୁ ଠାକୁରଙ୍କ ନୀତି କାନ୍ତିରେ ଏକ ପ୍ରକାର ପ୍ରଭାବିତ ହେଇଛି।

## କାମରେ ଆସୁନି ଆମ ବ୍ୟାଙ୍କ ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି ୨୬/୦୯(ଅକ୍ଷର ଓଡ଼ିଶା)- ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ପଞ୍ଜାବ ନେସଲ୍ୟାନ ବ୍ୟାଙ୍କ ତରଫରୁ ଖୋଲାଯାଇଥିବା ଆମ ବ୍ୟାଙ୍କ ଖୋଲାଯାଇଥିଲା। ଦୀର୍ଘ ଦିନ ହେଲା ଏହି ବ୍ୟାଙ୍କ ସରକାରୀ କାଗଜକଲମରେ ଚାଲିଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଲୋକେ ଦାବି କରିଛନ୍ତି। ସ୍ଥାନୀୟ ଅଂଚଳର ଲୋକେ କଟରପଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଥିବା ପଞ୍ଜାବ ନେସନାଲ ବ୍ୟାଙ୍କର ଆମ ବ୍ୟାଙ୍କ ଉପରେ ସଂଚୟ, ଅର୍ଥ ଉଠାଣ ନିମନ୍ତେ ନିର୍ଭର କରିଆସୁଥିଲେ। ଏହି ବ୍ୟାଙ୍କ ଖୋଲାଯିବା ନିମନ୍ତେ କଟରପଡା ଗ୍ରାମପଂଚାୟତ ତରଫରୁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି।



ରବିବାର ୨୭।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ୧୦,୦୦୦ ମିଟରରେ ଗୁଲବୀରଙ୍କୁ ରୌପ୍ୟ



ନାଗୋୟା, ୨୬/୦୯ : ଭାରତର ଗୁଲବୀର ସିଂହ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେ ୨୮ ମିନିଟ୍ ୨୯.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବାହାରିନ୍‌ର ବିରହାନୁ ବାଲେଓ ୨୮ ମିନିଟ୍ ୨୭.୫୧ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗୁଲବୀର ମାତ୍ର ୧.୮୭ ସେକେଣ୍ଡ ବ୍ୟବଧାନରେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲେ। ବାହାରିନ୍‌ର ଆଲବର୍ଟ କିପ୍‌ଟୋ କାଂସ୍ୟ ପଦକ ଜିତିଛନ୍ତି। ୨୦୨୩ ହାଙ୍ଗଝୁ ଏସୀୟ କ୍ରୀଡ଼ାରେ ସମାନ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିବା ଗୁଲବୀର ଏଥର ନିଜ ପ୍ରଦର୍ଶନରେ ଉନ୍ନତି ଆଣି ରୌପ୍ୟ ପଦକ ହାସଲ କରିଛନ୍ତି। ଚଳିତ ବର୍ଷ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ରୌପ୍ୟ ପଦକ ଜିତିଥିଲେ। ଏହାର ଦିନକ ପୂର୍ବରୁ ଗୁରୁବାର ସୀମା କୁମାରୀ ମହିଳା ୧୦,୦୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ଜିତିଥିଲେ। ସେ ୩୨ ମିନିଟ୍ ୫୦.୦୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଇଭେଣ୍ଟରେ ଭାରତର ୧୬ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟିଥିଲା।

# କବାଡ଼ିରେ ମହିଳାଙ୍କ ପରେ ଭାରତୀୟ ପୁରୁଷ ଟିମ୍ ଆଣିଲେ ସ୍ୱର୍ଣ୍ଣ




ନାଗୋୟା, ୨୬/୦୯ : ଏସୀୟ କ୍ରୀଡ଼ା ୨୦୨୬ରେ ଭାରତର କବାଡ଼ି ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଟିମ୍ ୪୦-୩୪ ସ୍କୋରରେ ଇରାନକୁ ପରାସ୍ତ କରିଛନ୍ତି। ପ୍ରଥମ ହାଫ୍‌ରେ ଭାରତୀୟ ଟିମ୍ ୧୭-୧୮ ସ୍କୋରରେ ଇରାନ ଠାରୁ ପଛୁଆ ଥିଲେ। ମାତ୍ର ଦ୍ୱିତୀୟ ହାଫ୍‌ରେ ଦୃଢ଼ ସ୍ଥିତିକୁ ଫେରିଥିଲେ। ସ୍କୋର ୩୦-୨୪ରେ ପହଞ୍ଚାଇଥିଲେ। ଶେଷରେ ୪୦-୩୪ରେ ସ୍କୋରରେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ। ଏଥର ୨୦୨୩ର ଫାଇନାଲ ମ୍ୟାଚ୍ ଭଳି କୌଣସି ଡ୍ରାମା ହୋଇ ନଥିଲା। ଭାରତ ଏକତରଫା ପଏଣ୍ଟ ହାସଲ କରିବା ସହିତ ସହଜରେ ବିଜୟ ହାସଲ କରିଥିଲା। ମ୍ୟାଚ୍ ସମୟରେ ଇରାନ ସବୁବେଳେ ଭଲ ଫର୍ମକୁ ଫେରିବାକୁ ଉଦ୍ୟମ କରିଥିଲା। କିନ୍ତୁ ଶେଷରେ ଭାରତ ଠାରୁ ପରାସ୍ତ ହୋଇଥିଲା। ପ୍ରଥମ ହାଫ୍‌ରେ ୧୭-୧୯ ସ୍କୋରରେ ପଛୁଆ ରହିଲା ପରେ ଭାରତୀୟ ଟିମ୍‌ର ଖେଳାଳିମାନେ ଦ୍ୱିତୀୟ ହାଫ୍‌ରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିଲେ। ଭାରତୀୟ ଟିମ୍ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରିଥିଲା। ଇରାନ ଯଦିଓ ପ୍ରଭାବ ଦେଖାଇଥିଲା, ଉଲ୍ଲେଖନୀୟ ସଫଳତା ହାସଲ କରିପାରି ନଥିଲା। ସୂଚନାଯୋଗ୍ୟ, ପୂର୍ବାହ୍ଣରେ ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ମହିଳା କବାଡ଼ି ଦଳ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପୁଷ୍ପ ରାଣାଙ୍କ ନେତୃତ୍ୱରେ ଦଳ ଫାଇନାଲ୍‌ରେ ଇରାନକୁ ପରାସ୍ତ କରି ଦେଶ ପାଇଁ ଗୌରବ ଆଣିଥିଲା। ଏହି ବିଜୟ ସହ ଏସୀୟ କ୍ରୀଡ଼ାରେ ଭାରତର ପଦକ ତାଲିକାରେ ଆଉ ଏକ ସ୍ୱର୍ଣ୍ଣ ଯୋଡ଼ି ହୋଇଥିଲା।

# ଏସୀୟ କ୍ରୀଡ଼ାରେ ତାଜିନ୍ଦରପାଲଙ୍କୁ ରୌପ୍ୟ




ନାଗୋୟା, ୨୬/୦୯ : ୨୦୨୬ ଏସୀୟ କ୍ରୀଡ଼ାରେ ଭାରତୀୟ ସଟ୍ ପୁଟର ତାଜିନ୍ଦରପାଲ ସିଂହ ତୁର ରୌପ୍ୟ ପଦକ ଜିତିଛନ୍ତି। ନାଗୋୟାରେ ଚାଲିଥିବା ପ୍ରତିଯୋଗିତାର ପୁରୁଷ ସଟ୍ ପୁଟ୍‌ରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତୀୟ ପଦକ ତାଲିକାରେ ଆଉ ଏକ ରୌପ୍ୟ ଯୋଡ଼ିଛନ୍ତି। ତାଜିନ୍ଦର ତାଙ୍କ ପଞ୍ଚମ ପ୍ରୟାସରେ ୨୦.୬୪ ମିଟରର ଶ୍ରେଷ୍ଠ ଥ୍ରୋ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ରୌପ୍ୟ ପଦକ ଦେଇଛି।ଏହା ଏସୀୟ କ୍ରୀଡ଼ାରେ ତାଜିନ୍ଦରଙ୍କ କ୍ରମାଗତ ତୃତୀୟ ପଦକ। ଏହା ପୂର୍ବରୁ ୨୦୧୮ ଜାକର୍ତ୍ତା ଏବଂ ୨୦୨୨ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ।ତେବେ ଏଥର ତୃତୀୟ କ୍ରମାଗତ ସ୍ୱର୍ଣ୍ଣ ହାସଲ କରିବାର ସୁଯୋଗ ତାଙ୍କ ହାତଛଡ଼ା ହୋଇଛି। ଇରାନର ମହମ୍ମଦରେଜା ତାୟେବି ୨୦.୮୧ ମିଟରର ଶ୍ରେଷ୍ଠ ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।ତାୟେବିଙ୍କ ଏହି ଥ୍ରୋ ତାଜିନ୍ଦରପାଲଙ୍କ ୨୦୧୮ ଏସୀୟ କ୍ରୀଡ଼ାର ୨୦.୭୫ ମିଟର ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଫଳରେ ତାଜିନ୍ଦରଙ୍କୁ ଏଥର ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

## ସଟ୍‌ପୁଟ୍‌ରେ ମନପ୍ରୀତଙ୍କୁ କାଂସ୍ୟ




ନାଗୋୟା(ଜାପାନ), ୨୬/୦୯ : ମହିଳା ସଟ୍‌ପୁଟ ଥ୍ରୋରେ ଭାରତ ପାଇଁ କାଂସ୍ୟ ପଦକ ଜିତିଛନ୍ତି ମନପ୍ରୀତ କୌର। ଏସୀୟ କ୍ରୀଡ଼ାରେ ମହିଳା ସଟ୍‌ପୁଟ ଥ୍ରୋ ରେ ମନପ୍ରୀତ ତୃତୀୟ ଭାରତୀୟ ଭାବେ କାଂସ୍ୟ ପଦକ ଜିତିଛନ୍ତି। ମନପ୍ରୀତ ୧୭.୧୭ ମିଟର ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ଏଥିରେ ଚୀନର ସଙ୍ଗ ଜିଆଓ୍ୱାନ ୧୯.୪୦ ମିଟର ଫିଙ୍ଗି ସ୍ୱର୍ଣ୍ଣ ଓ ଝାଙ୍ଗ ଲିନ୍ନୁରା ୧୮.୨୮ମିଟର ସହ ରୌପ୍ୟ ପଦକ ଜିତିଛନ୍ତି। ପୂର୍ବରୁ ଭାରତ ପାଇଁ ମହିଳା ସଟ୍‌ପୁଟରେ ଏସୀୟ କ୍ରୀଡ଼ାରେ ୧୯୫୧ରେ ବାରବରା ଓ୍ୱେବଷ୍ଟର ଓ ୨୦୨୩ରେ କିରଣ ବାଲିୟାନ କାଂସ୍ୟ ପଦକ ଜିତିଥିଲେ। ମନପ୍ରୀତ ଧିମା ଆରମ୍ଭ କରିଥିଲେ। ପ୍ରଥମ ପ୍ରୟାସରେ ୧୬.୩୨ ମିଟର ଫିଙ୍ଗିଥିଲେ। ପରବର୍ତ୍ତୀ ସମୟରେ ପ୍ରଦର୍ଶନରେ ଉନ୍ନତି କରିବା ସହ ୧୭.୧୭ ମିଟର ଥ୍ରୋ କରି କାଂସ୍ୟ ପଦକ ଜିତିଥିଲେ।

# ୧୧ ବର୍ଷ ବୟସରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଲେ ୟୁକି



**ପ୍ରତିଦିନ ପ୍ରାୟ ୮ ଘଣ୍ଟା ଅଭ୍ୟାସ**

ନାଗୋୟା, ୨୬/୦୯:ଏସିଆ କ୍ରୀଡ଼ାରେ ଜାପାନର ୧୧ ବର୍ଷୀୟ ୟୁକି କୁରିହାରା ଚର୍ଚ୍ଚାରେ ଅଛନ୍ତି। ଇ-ସ୍ପୋର୍ଟ୍‌ସର 'ପୁୟୋ ପୁୟୋ ଚ୍ୟାମ୍ପିଅନ୍‌ସ' ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ସେ ନିଜ ନାମକୁ ଏସିଆ କ୍ରୀଡ଼ାରେ ଇତିହାସରେ ଲେଖାଇଛନ୍ତି। ୟୁକି ଜାପାନର ଜଣେ ଏଲିମେଣ୍ଟାରି ସ୍କୁଲ୍ ଛାତ୍ର। ଫାଇନାଲ୍ ମ୍ୟାଚ୍‌ରେ ୟୁକି ଦକ୍ଷିଣ କୋରିଆର କାଙ୍ଗ ଡୋଙ୍ଗଶିନଙ୍କୁ ୧୦-୨ରେ ପରାସ୍ତ କରି ସ୍ୱର୍ଣ୍ଣ ହାସଲ କରିଛନ୍ତି। ଏହା ପୂର୍ବରୁ ସେମିଫାଇନାଲ୍‌ରେ ସେ ଥାଇଲାଣ୍ଡର ୨୮ ବର୍ଷୀୟ ତନାରକ ଓ୍ୱୋଙ୍ଗକିତିକୁନଙ୍କୁ ୧୦-୧ରେ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ୟୁକିଙ୍କ ସଫଳତାର ଆଉ ଏକ ବିଶେଷ ଦିଗ ହେଉଛି ତାଙ୍କ ବୟସ। ଭାରତୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ୧୫ ବର୍ଷ ହୋଇଥିବା ବେଳେ ୟୁକି ମାତ୍ର ୧୧ ବର୍ଷର। ଏସିଆ କ୍ରୀଡ଼ାରେ ୟୁକିଙ୍କୁ ସବୁଠାରୁ କମ୍ ବୟସର ସ୍ୱର୍ଣ୍ଣ ପଦକ ବିଜେତା ବୋଲି ମନେ କରାଯାଉଛି। ତେବେ ଏସିଆ କ୍ରୀଡ଼ାରେ ସବୁଠାରୁ କମ୍ ବୟସର ପଦକ ବିଜେତାଙ୍କର କୌଣସି ସାର୍ବଜନୀନ ଅଧିକାରିକ ରେକର୍ଡ ଉପଲବ୍ଧ ନଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ୟୁକିଙ୍କ ଖେଳର ଯାତ୍ରା ମଧ୍ୟ ଛୋଟବେଳୁ ଆରମ୍ଭ ହୋଇଥିଲା। ସେ କିଣ୍ଡରଗାର୍ଟେନ୍ ସମୟରୁ 'ପୁୟୋ ପୁୟୋ' ଖେଳରେ ଅଭ୍ୟାସ କରୁଛନ୍ତି। ସେ ପ୍ରତିଦିନ ପ୍ରାୟ ୮ ଘଣ୍ଟା ଅଭ୍ୟାସ କରନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପରେ ୟୁକି ନିଜ ଖୁସିକୁ ନିଆରା ଢଙ୍ଗରେ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସ୍ୱର୍ଣ୍ଣ ପଦକଟି ବହୁତ ସୁନ୍ଦର, ଚମକଦାର ଏବଂ ଓଜନିଆ। ଏସିଆ କ୍ରୀଡ଼ାରେ ଇ-ସ୍ପୋର୍ଟ୍‌ସର ପ୍ରବେଶ ତିନି ବର୍ଷ ପୂର୍ବେ ଚୀନ୍‌ର ହାଙ୍ଗଝୋଉ ଏସିଆନ୍ ଗେମ୍ସରୁ ହୋଇଥିଲା। ଚଳିତ ସଂସ୍କରଣରେ ମଧ୍ୟ ଅନେକ କମ୍ ବୟସର ଖେଳାଳି ନିଜ ପ୍ରତିଭା ଦେଖାଉଛନ୍ତି। ଏହି ତାଲିକାରେ ୧୧ ବର୍ଷୀୟ ୟୁକି କୁରିହାରାଙ୍କ ସ୍ୱର୍ଣ୍ଣ ପଦକ ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ଘଟଣା ହୋଇଛି।

## ପୁରୀ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ସାଧୀନ ନାୟକ

ଅସ୍ତରଙ୍ଗ ୨୬/୯(ଅକ୍ଷର ଓଡ଼ିଶା) ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପୁରୀ ଜିଲ୍ଲା ବିଜୁ ଜନତା ଦଳର ପୁନର୍ଗଠନ କରିଛନ୍ତି।ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲ୍ଲାରେ ତୃଣମୂଳ ସ୍ତରକୁ ସୁଦୃଢ଼ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।ବ୍ଲକ ସ୍ତରୀୟ ଓ ବୁଥ୍ ସ୍ତରକୁ ପୁଣି ଥରେ ନୂତନ ପୁନଃଗଠନ ଦ୍ୱାରା ସଶକ୍ତ କରିବା ପାଇଁ ଏହି ଦଳୀୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି।ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରନ୍ଦ୍ର ନାଥ ନାୟକଙ୍କ ପୁଅ ସାଧୀନ କୁମାର ନାୟକ ଙ୍କ କାର୍ଯ୍ୟଦକ୍ଷତାକୁ ନେଇ ତାଙ୍କୁ ପୁରୀ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟଜାରୀ ସଭାପତି ଭାବେ ନବ ନିଯୁକ୍ତି କରିଛନ୍ତି। ସାଧୀନ ନାୟକ ପୂର୍ବରୁ ଅସ୍ତରଙ୍ଗ ବ୍ଲକରେ ଲଗାତାର ଭାବେ ଦୁଇ ଥର ବ୍ଲକ ଅଧକ୍ଷ ଭାବେ ଦକ୍ଷତାର ସହିତ କାଯ୍ୟ କରିଥିଲେ।ଅଧକ୍ଷ ପରେ ବର୍ତ୍ତମାନ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପଦବୀରେ ରହି ଜିଲ୍ଲା ତଥା ରାଜ୍ୟରେ ପ୍ରଶଂସିତ ହୋଇଛନ୍ତି। ରାଜ୍ୟ ସଭାପତି ଓ ରାଜ୍ୟ ନେତୃତ୍ୱ ମାନେ ବିଭିନ୍ନ ସମୟରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦେଇଥିଲେ।ବିଜୁ ଜବତା ଦଳର ସେ ଜଣେ ଯୁବ ସଂଗଠକ ଭାବେ ରାଜ୍ୟ ରାଜନୀତିରେ ଜଣେ ଜଣାଶୁଣା ବ୍ୟକ୍ତି ଭାବେ ପରିଚୟ ସୃଷ୍ଟି କରିଛନ୍ତି।ପୁରୀ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ନେଇଥିବାରୁ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଜଣାଇଇଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳଙ୍କୁ ମଧ୍ୟ ପୁରୀ ଜିଲ୍ଲା ଉପ ସଭାପତି, ସାଇରଞ୍ଜନ ପ୍ରଧାନଙ୍କୁ ସାଧାରଣ ସମ୍ପାଦକ, ପୁରନ୍ଦର ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଏବଂ ଅସ୍ତରଙ୍ଗ ବିଜେଡି ପରିବାର ଏହି ଚାରି ଯୋଦ୍ଧାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଠାକୁରଗଡ଼ରେ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ



ଆଠମଲ୍ଲିକ, ୨୬/୯ (ଅକ୍ଷର ଓଡିଶା ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଆସନ୍ତା ଲକ୍ଷ୍ମୀପୂଜା କୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୂଜା ମୂର୍ତ୍ତି ନିର୍ମାଣ ପାଇଁ ପାରମ୍ପରିକ ରୀତିନୀତିରେ ମାଟି ଅନୁକୂଳ କରାଯାଇଛି। ପୂଜା କମିଟି ପକ୍ଷରୁ ଏକ ଶିବ ମନ୍ଦିର ପ୍ରାଙ୍ଗଣ ରୁ ମାଟି ସଂଗ୍ରହ କରାଯାଇଥିଲା। ପୂଜକ କେଶବ ଶତପଥୀଙ୍କ ଦ୍ୱାରା ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଉଠାଯାଇଥିଲା। ଏହି ଅବସରରେ ବିଜୟ କୁମାର ସାହୁ କର୍ତ୍ତା ଭାବେ ଯୋଗଦେଇଥିଲେ। ପୂଜା ପ୍ରସ୍ତୁତିରେ ସଭାପତି ସନ୍ତୋଷ କୁମାର ସାହୁ, ସଂପାଦକ ବିଭୁପ୍ରସାଦ ସେନାପତି ଙ୍କ ସମେତ କିଶୋର ଖୁଣ୍ଟିଆ, ପବନା ସାହୁ, ଭାଗୀରଥୀ ଦେଓ, ବିଶ୍ୱେଶ୍ୱର ରାଉତ, ଅଭିରାମ ସାହୁ, ଶତ୍ରୁଘ୍ନ ସାହୁ, ଦୁଷ୍ମନ୍ତ ପ୍ରଧାନ, କୃପାସିନ୍ଧୁ ସାହୁ , ମନୋଜ ସାହୁ, ଭଗବାନ ସାହୁ, ଗଣେଶ୍ୱର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଓଷ୍ଟାର ସାଙ୍ଗଠନିକ ଅଧିବେଶନ ଅଭୟ ସଭାପତି, ସମୀର ସମ୍ପାଦକ



କେସିଙ୍ଗା, ୨୬/୦୯ (ଅକ୍ଷର ଓଡ଼ିଶା): କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଆସୋସିଏସନ୍ (ଓଷ୍ଟା) କେସିଙ୍ଗା ବ୍ଲକ ଶାଖାର ସାମ୍ବିଧାନିକ ଅଧିବେଶନ ଓ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।ଓଷ୍ଟା କଳାହାଣ୍ଡି ଜିଲ୍ଲା ସଭାପତି ସନ୍ତୋଷ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ଓଷ୍ଟା ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ଜିଲ୍ଲା ଉପଦେଷ୍ଟା ଭବାନୀଶଙ୍କର ମିଶ୍ର, ନର୍ଲା ବ୍ଲକ ସମ୍ପାଦକ ବିକ୍ରମ ଗୌଡ଼ଙ୍କ ସମେତ କେସିଙ୍ଗା ବ୍ଲକର ଶିକ୍ଷକ-ଶିକ୍ଷୟିତ୍ରୀ ଓ ସଂଘର ସଦସ୍ୟମାନେ ଯୋଗଦେଇଥିଲେ।ବୈଠକରେ ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ, ନିର୍ବାଚନ ପ୍ରକ୍ରିୟା, ଶିକ୍ଷକମାନଙ୍କ ସ୍ୱାର୍ଥ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷକ ସମାଜର ଏକତା ଓ ସଂଘର ସାଙ୍ଗଠନିକ ଭିତ୍ତିକୁ ଆହୁରି ମଜବୁତ କରିବା ସହ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ସଂଗଠିତ ଭାବେ ଉପସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରେ ସର୍ବସମ୍ମତିକ୍ରମେ କେସିଙ୍ଗା ବ୍ଲକ ଓଷ୍ଟାର ନୂତନ ସଭାପତି ଭାବେ ଅଭୟ କୁମାର ଦେବତା ଏବଂ ସମ୍ପାଦକ ଭାବେ ସମୀର କୁମାର ବେହେରା ନିର୍ବାଚିତ ହୋଇଥିଲେ। ଜିଲ୍ଲା ଉପଦେଷ୍ଟା ଭବାନୀଶଙ୍କର ମିଶ୍ର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ପଦ, ଗୋପନୀୟତା ଓ ନିରପେକ୍ଷତାର ଶପଥ ପାଠ କରାଇଥିଲେ। ପରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା। ଏହି ଅବସରରେ ରାଜ୍ୟ ଓଷ୍ଟା ପକ୍ଷରୁ ଆୟୋଜିତ ୪୨ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ-୨୦୨୫ରେ ବ୍ରହ୍ମଚାରୀ ବନମାଳୀ ସ୍ମୃତି ପୁରସ୍କାର ହାସଲ କରିଥିବା ନବନିର୍ବାଚିତ ବ୍ଲକ ସମ୍ପାଦକ ସମୀର କୁମାର ବେହେରାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଢେଙ୍କାନାଳର ନୂଆ ଆରକ୍ଷୀ ଅଧିକ୍ଷକଙ୍କ ଯୋଗଦାନ



ଢେଙ୍କାନାଳ, ୨୬/୯ (ବିଜ୍ଞାନ ମହାନ୍ତି) : ଜିଲ୍ଲାର ନୂଆ ଆରକ୍ଷୀ ଅଧିକ୍ଷକ ଭାବେ ୨୦୨୨ ବ୍ୟାଚ୍‌ର ଓଡ଼ିଶା କାଡର ଆଇପିଏସ୍ ଅଧିକାରୀ ଶ୍ରୀ ମାନେ ଅଜିଙ୍କ୍ୟ ବାବୁରାଓ ଯୋଗଦାନ କରିଛନ୍ତି। ସୂଚନା ଅନୁଯାୟୀ, ଅଜିଙ୍କ୍ୟ ବାବୁରାଓ ହେଉଛନ୍ତି ଓଡ଼ିଶା କାଡରର ୨୦୨୨ ବ୍ୟାଚ୍‌ର ଡାଇରେକ୍ଟ ରିକ୍ରୁଟ୍ ଆଇପିଏସ୍ ଅଧିକାରୀ। ତାଙ୍କର ଆଇପିଏସ୍ ପରିଚୟ ନମ୍ବର ୨୦୨୨୧୩୨। ସେ ୨୦୨୨ ଅଗଷ୍ଟ ୨୯ ତାରିଖରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ। ତାଙ୍କ ଘର ମହାରାଷ୍ଟ୍ର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଇପିଏସ୍ ସିଭିଲ୍ ଲିଷ୍ଟ ଅନୁଯାୟୀ ସେ ପୂର୍ବରୁ ୨୦୨୫ ଜୁଲାଇ ୨ ତାରିଖରୁ ଜଗତସିଂହପୁର ଏସ୍‌ଡିପିଓ ଭାବେ ପେ ଲେଭଲ ୧୦ରେ କାର୍ଯ୍ୟରତ ଥିଲେ। ସେପଟେ ଢେଙ୍କାନାଳର ପୂର୍ବତନ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକରଙ୍କୁ ବ୍ରହ୍ମପୁରକୁ ବଦଳି କରାଯାଇଛି। ନୂଆ ଏସପି ଭାବେ ଯୋଗଦାନ କରିବା ପରେ ଶ୍ରୀ ମାନେ ଜିଲ୍ଲାର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଗୁରୁଣ୍ଡାରେ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ

ମୁରିବାହାଲ, ୨୬/୦୯ (ଅକ୍ଷର ଓଡ଼ିଶା) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁରୁଣ୍ଡା ଖେଳ ପଡ଼ିଆରେ ବ୍ଲକସ୍ତରୀୟ ବାଳକ ଓ ବାଳିକା ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଡ଼ିଆରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଖେଳାଳିମାନେ ଯୋଗଦେଇ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗୋଇମୁଣ୍ଡା ସରପଞ୍ଚ କାଳିଆ ସରାଫ ଓ ସମାଜସେବୀ ଉମେଶ ଛୁରା ଯୋଗଦେଇଥିବା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ କୁବେର ବେହେରା, ସାମ୍ବାଦିକ ଉଦ୍ଧବ ଦାସ, ଶିକ୍ଷକ ଜ୍ୟୋତିରଞ୍ଜନ ଭୋଇ ଓ ସତ୍ୟ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ବିନୋଦ ମହାପାତ୍ର ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ଖେଳ ପରିଚାଳନାରେ ନବୀନ ସରାଫ, ରମେଶ ବିଶି, ସନ୍ତୋଷ ମେହେର, ପ୍ରକାଶ ମହାନ୍ତି, ନୀତିଶ ତାଣ୍ଡି, ନୀତିଶ ମହାନ୍ତି, ମୁଖ୍ୟଦେବ ନାଗ, ସୁରେଶ ବେହେରା, ମହନ ପ୍ରଧାନୀ, କୁବେରଲାଲ ବେହେରା, ପ୍ରଶନ୍ନ ହାତୀ, ନିମାଇଁ ବେହେରା, ଝସକେତନ ରାଜହଂସ ଓ ଅଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ୧, ୨ ଓ ୩ ତାରିଖରେ ଲୋଇସିଂହା ଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ କ୍ରୀଡ଼ା ସମ୍ପାଦକ କୁବେର ବେହେରା ସୂଚନା ଦେଇଛନ୍ତି। ଶେଷରେ ଗୁରୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱାମିତ୍ର ସାହୁ, ପାଣ୍ଡବ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିବିରକୁ ସହଯୋଗ କରିଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳିତ




କୁଚିଣ୍ଡା, ୨୬/୦୯ (ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫାସିମାଲ ଆଞ୍ଚଳିକ ଜୁନିଅର କଲେଜ, ଫାସିମାଲଠାରେ ମେରା ଯୁବା ଭାରତ, ସମ୍ବଲପୁର, ଓଡ଼ିଶା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ କଲେଜର ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚନ୍ଦନିମାଳ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଭୁବନେଶ୍ୱର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ, ଆଦର୍ଶ ଓ ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଅଧାପକ ରଞ୍ଜନ କୁମାର ଭଇଁସା ସଭାକୁ ପରିଚାଳନା କରିଥିବାବେଳେ ଅଧାପକ ରୁଦ୍ର ନାରାୟଣ ମିଶ୍ର ଶେଷରେ ଉପସ୍ଥିତ ସମସ୍ତ ଅତିଥି, ଅଧାପକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମକୁ ଜମନକିରା ବ୍ଲକ, ସମ୍ବଲପୁର ଜିଲ୍ଲାର ମେରା ଯୁବା ଭାରତ, ଓଡ଼ିଶାର ଜାତୀୟ ଯୁବ ସ୍ୱେଚ୍ଛାସେବୀ ଯୋଗିନ୍ଦ୍ର ରୋହିଦାସ ଓ ସସ୍ତିକ ଶର୍ମା ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କ ସହଯୋଗ ଓ ଉପସ୍ଥିତି ପାଇଁ ଆୟୋଜକଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା।

## ୫ ପରିବାରର ଘର ଭାଙ୍ଗିଲା



ହରିଚନ୍ଦନପୁର ୨୬/୯(ଶୂନ୍ୟରଞ୍ଜନ ଘଣା )ଲଗାଣ ବର୍ଷା ଯୋଗୁଁ ହରିଚନ୍ଦନପୁର ବ୍ଲକ୍ ରେବଣାପଲାଶପାଳ ଓ ବରେଇଗୋଡ଼ା ପଞ୍ଚାୟତର ବିଭିନ୍ନ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୫ଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଅସନବାହାଳି ଗାଁର ଚମ୍ପେଇ ମାଝୀଙ୍କ ଦୁଇବଖରା, ଖେଲା ମାଝୀଙ୍କ ଦୁଇବଖରା ଏବଂ ରେବଣାପଲାଶପାଳ ଗାଁର ମାୟାଧର ସାହୁଙ୍କ ଦୁଇବଖରା ଘର ଭାଙ୍ଗି ଯାଇଛି । ବରେଇଗୋଡ଼ା ପଞ୍ଚାୟତର କୁସୁମଯୋଡ଼ି ଗାଁର ଦିଲ୍ଲୀପ ବେହେରା ଓ ରେବଣା ଗାଁର ସୁରେଶ ଦେହୁରୀଙ୍କର ଦୁଇବଖରା ଲେଖାଁଏ ଘର ଭାଙ୍ଗିଯାଇଛି। ଅଧିକ ଘର ନଥିବାରୁ ସେମାନେ ପରିବାର ଲୋକଙ୍କୁ ନେଇ ରହିବାକୁ ଏବେ ହଇରାଣ ହେଉଛନ୍ତି । ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କଣ୍ଟିଲୋରେ କଂସା ପିତ୍ତଳ ଓ କାଠ ବ୍ୟବହୃତ ନୂତନ ନର୍ମାଣ କେନ୍ଦ୍ରର ଉଦ୍‌ଘାଟନ



କଣ୍ଟିଲୋ, ୨୬/୯(ଅକ୍ଷର ଓଡ଼ିଶା) ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ପାଣୁ ସାହୁ ପାଟଣା ଠାରେ ନୀଳମାଧବ କଂସା ପିତ୍ତଳ ବାସନ ନିର୍ମାଣ ଓ କାଷ୍ଠ ନିର୍ମିତ ସରଞ୍ଜାମ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ଯନ୍ତ୍ରାଂଶ ତାଲିମ କେନ୍ଦ୍ର ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ୪ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ କାରଖାନା ନିର୍ମାଣ କାର୍ଯ୍ୟ ୨୦୨୩ ମସିହା ରେ ଶେଷ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ କାର୍ଯ୍ୟକ୍ଷମ ହୋଇ ପାରିନଥିଲା ଓ ଏହି ତାଲିମ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଆଜି ଶନିବାର ଦିନ ଉନ୍ମୋଚନ କରାଯାଇଥିବା ଜଣାଯାଇଛି । ଏହି ଅବସରରେ ଆୟୋଜିତ ଏକ ସଭା ' ନୀଳମାଧବ ବେଲ ମେଟାଲ ଆଣ୍ଡ ଉଡ଼ କ୍ଲଷ୍ଟର ' ପରିଚାଳକ ନିର୍ମଳ ନାୟକ ଙ୍କ ସଯୋଜନାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ କାରଖାନାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର,ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ,ସିଟିଟିସି ବରିଷ୍ଠ ପରିଚାଳକ ଡ. କେ ଏମ ରାଜନ,, ବରିଷ୍ଠ ପରିଚାଳକ ସୁଶାନ୍ତ କୁମାର ରାଉତ , ବରିଷ୍ଠ ଯନ୍ତ୍ରୀ ତଥା ସଂଯୋଜକ ଇଂ ବିଶ୍ୱ ରଞ୍ଜନ ସାହୁ ଓ ନୟାଗଡ଼ ଜିଲ୍ଲା ଶିଳ୍ପ ଅଧିକାରୀ ସମ୍ପଦ ନାୟକ ଯୋଗ ଦାନ କରି କାରିଗର ମାନଙ୍କର ତାଲିମ ଓ ଉତ୍ପାଦନ ବିଷୟରେ ଆଲୋକ ପାତ କରିଥିଲେ । ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ବିଶ୍ୱ ବଜାରରେ କଣ୍ଟିଲୋ ବାସନ ଯେପରି ଆଦୃତ ହୋଇ ପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ବିଧାୟକ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କାରିଗର ତଥା ସଭାପତି ଦଣ୍ଡପାଣି ସାହୁ ଓ କେନ୍ଦ୍ରାଞ୍ଚଳ ଶାଖା କଂସାରୀ ସମାଜ ସଭାପତି ଅଖିଳ କୁମାର ମହାରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କଣ୍ଟିଲୋର ଶହଶହ କଂସା ପିତ୍ତଳ କାରିଗର ମାନଙ୍କର ସମସ୍ୟା ମାନ ଉପସ୍ଥାପିତ କରିଥିଲେ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera